**କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର**

ରାଜନଗର, (ଡି.ଏନ.ଏ.): ରାଜନଗର ବ୍ଲକ ଜରିମୂଳସ୍ଥିତ ମା'ମାଟିଆ ମଙ୍ଗଳା ପାଠାଗାରରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର,ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ସନ୍ତୋଷ ଶତପଥୀଙ୍କ ପୌରୋହିତ୍ୟରେ 'ଜୀବନୀ ଚଳନ ଚରିତ୍ରର ଜୀବନ୍ତ ଆଦର୍ଶ ଗୋକୁଳ ଚନ୍ଦ୍ର ଦାସ' ଶୀର୍ଷକ ବିଷୟ ଉପରେ ଆଲୋଚନା ହୋଇଥିଲା। ଶିକ୍ଷାବିତ୍ ସୀତାକାନ୍ତ ରାଉଳ, ସିଆରସିସି ଅମର କୁମାର ବେହେରା, ବାସୁଦେବ ରାଉତ, ସାମାଜିକ କର୍ମୀ ଗଗନ କୁମାର ବଳ ପ୍ରମୁଖ ଭାଗନେଇ ଦିବଂଗତ ଶିକ୍ଷକ ଦାସଙ୍କ ଜୀବନ ଆଦର୍ଶ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଖବରଦାତା ବିଜୟ ଗୁପ୍ତାଙ୍କୁ ୨୦୨୧ ବର୍ଷ ପାଇଁ କୃଷ୍ଣଚନ୍ଦ୍ର ଆଦର୍ଶ ସାମ୍ବାଦିକ ସମ୍ମାନ ପ୍ରଦାନ କରାଯାଇଥିଲା।

# କମ୍ପାନୀ କବଳରେ କୁକୁଡ଼ା ଚାଷୀ

- ଦର ବୃଦ୍ଧି ସତ୍ତ୍ୱେ ଚାଷୀଙ୍କୁ ମିଳୁନି ଲାଭ
- ସର୍ତ୍ତ ନ ମାନିଲେ ଚଢ଼ା ଦରରେ ଚିଆଁ, ଦାନା, ଔଷଧ

**କେନ୍ଦ୍ରାପଡ଼ା ଅଫିସ, ୩୧।୫**

ରାଜ୍ୟ ସରକାର ମିଶନ ଶକ୍ତି ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟାଙ୍କ ଜରିଆରେ ଯୁବଗୋଷ୍ଠୀଙ୍କୁ କୁକୁଡ଼ା ଚାଷ ପାଇଁ ଋଣ ଆଣି ଯୋଗାଇ ଦେଉଛନ୍ତି। କୁକୁଡ଼ା ଚାଷ କରି ଦୁଇ ପଇସା ରୋଜଗାର କଲେ ପରିବାର ପ୍ରତିପୋଷଣରେ ସହାୟକ ହେବ ବୋଲି ଆଶା ବାନ୍ଧିଛନ୍ତି। ହେଲେ ଦାନା, ଚିଆଁ ଓ ଔଷଧ ଯୋଗାଉଥିବା କମ୍ପାନୀ କବଳରେ କୁକୁଡ଼ା ଚାଷୀ ପଡ଼ିଛନ୍ତି। ଫଳରେ ସେମାନେ ଚାଷ କରି ଦୁଇ ପଇସା ଲାଭ କରିବା ବଦଳରେ କ୍ଷତି ସହୁଛନ୍ତି। ସହରାଞ୍ଚଳ, ଗ୍ରାମାଞ୍ଚଳର ଛକ ବଜାରରେ ବହୁ ସଂଖ୍ୟାରେ କୁକୁଡ଼ା ମାଂସ ବିକ୍ରୟ କେନ୍ଦ୍ର ଖୋଲିଛି। କେଜି ପ୍ରତି ୨୫୦ ଟଙ୍କାରେ ମାଂସ ବିକ୍ରି ହେଉଛି। ଏହାସତ୍ତ୍ୱେ କୁକୁଡ଼ା ଚାଷୀଙ୍କୁ ଲାଭ ମିଳୁନି। ବାହାର ଓ ଓଡ଼ିଶାର କେତେଗୋଟି କମ୍ପାନୀ ହାତକୁ ଏହି ବ୍ୟବସାୟ ଚାଲିଯାଇଛି। ଏପରି କି ଆର୍ଥିକ ପରିସ୍ଥିତି ସୁଧାରିବାକୁ କୁକୁଡ଼ା ଫାର୍ମ କରିଥିବା ଯୁବଗୋଷ୍ଠୀ ଏହି କମ୍ପାନୀ ହାତରେ ବନ୍ଧା ପଡ଼ିଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲାର କୁକୁଡ଼ା ଚାଷୀଙ୍କ କ୍ଷେତ୍ରରେ ବୋଲି ଅଭିଯୋଗ ହେଉଛି।



ଏ ସମ୍ପର୍କରେ ଇନ୍ଦୁପୁରର କାଳିଆ ସାମନ୍ତରାୟ, କଂସାର ଗାଁର ଶୁଭାଶିଷ ଜେନା, ପାଖଡ ଗାଁର ରମାକାନ୍ତ ମଲ୍ଲିକ, ବାରିମୂଳର ସେକ୍ ହସନ ପ୍ରମୁଖ କୁକୁଡ଼ା ଫାର୍ମ ମାଲିକ କହିଛନ୍ତି, କୁକୁଡ଼ା ଦର ନିୟନ୍ତ୍ରଣରେ ପ୍ରଶାସନର କୌଣସି ଭୂମିକା ରହୁନାହିଁ। ଫଳରେ କମ୍ପାନୀ କର୍ତ୍ତୃପକ୍ଷ ମନଇଚ୍ଛା ଲାଭ ଉଠାଉଛନ୍ତି। ସେମାନେ କହିଛନ୍ତି, ଆନ୍ଧ୍ର, ଛତିଶଗଡର ବଡ ବଡ କୁକୁଡ଼ା ବ୍ୟବସାୟୀ ଓଡ଼ିଶାରେ ଅର୍ଥ ଖଟାଇଛନ୍ତି। ଓଡ଼ିଶାର ଦୁଇ ତିନୋଟି କମ୍ପାନୀ ମଧ୍ୟ ଏହି କାରବାରରେ ସାମିଲ ହୋଇଛନ୍ତି। ଏହି କମ୍ପାନୀମାନେ ଚିଆଁଠାରୁ ଆରମ୍ଭ କରି ଦାନା ଓ ଔଷଧ ଆଦି ଯୋଗାଇଥାନ୍ତି। ଚାଷୀ କେବଳ ଫାର୍ମ ଘର, ବିଜୁଳି, ପାଣି ଓ ମାନବସମ୍ବଳ ବ୍ୟୟ କରୁଛି। ଚାଷୀମାନେ କୁକୁଡ଼ା ଫାର୍ମରେ ଦାୟିତ୍ୱର ସହ କୁକୁଡ଼ାକୁ ରକ୍ଷଣାବେକ୍ଷଣ କରିବା ପରେ କେଜି ପ୍ରତି ୩ରୁ ୫ଟଙ୍କା ପାଉଛନ୍ତି। କୁକୁଡ଼ାର ଦର ବୃଦ୍ଧି ସହ ଚାଷୀଙ୍କ କୌଣସି ସମ୍ପର୍କ ନାହିଁ। ଅର୍ଥ ଖଟାଇଥିବା କମ୍ପାନୀ ଠିକଣା ସମୟରେ ଔଷଧ ଓ ଦାନା ଆଦି ପ୍ରଦାନ କରିଥାନ୍ତି। କୁକୁଡ଼ା ପ୍ରାୟ ଦେଢ଼ କେଜି ହୋଇଗଲେ କମ୍ପାନୀ କର୍ତ୍ତୃପକ୍ଷ ତାହାକୁ ସଂଗ୍ରହ କରି ରାଜ୍ୟ ଓ ବାହାର ରାଜ୍ୟକୁ ନେଇ ବିକ୍ରି କରିଥାନ୍ତି। ଚାଷୀଙ୍କୁ କୁକୁଡ଼ା ବିକ୍ରି ପାଇଁ କୌଣସି ଅନୁମତି ନାହିଁ। ଚାଷ ଆରମ୍ଭରୁ କମ୍ପାନୀ କର୍ତ୍ତୃପକ୍ଷ ଏ ନେଇ ଚାଷୀଙ୍କ ସହ ଚୁକ୍ତି କରୁଛନ୍ତି। କୁକୁଡ଼ା ଚାଷ କରି ଆତ୍ମନିର୍ଭର ହେବା ପାଇଁ ସରକାରୀ ରିହାତିରେ କୁକୁଡ଼ା ଫାର୍ମ କରିଥିଲେ ମଧ୍ୟ ଚାଷୀମାନେ କମ୍ପାନୀ କବଳକୁ ଚାଲି ଯାଇଛନ୍ତି। ଯଦି କୌଣସି ଚାଷୀ କମ୍ପାନୀର ସର୍ତ୍ତ ମାନିବାକୁ ରାଜି ନୁହେଁ, ତେବେ ଏହି କମ୍ପାନୀ କର୍ତ୍ତୃପକ୍ଷ ଚିଆଁଠାରୁ ଆରମ୍ଭ କରି ଔଷଧ, ଦାନା ଆଦିକୁ ଚଢ଼ା ଦରରେ କିଣିବାକୁ ବାଧ୍ୟ କରୁଛନ୍ତି। ସରକାରଙ୍କ ନିୟନ୍ତ୍ରଣ ଏହି କମ୍ପାନୀ ଉପରେ ରହୁ ନ ଥିବାରୁ ରାଜ୍ୟବାସୀ କମ୍ପାନୀର ଶସ୍ତା ଅଥବା ଅଧିକ ଦାମରେ ଦେଉଥିବା ମାଂସ କିଣିବାକୁ ବାଧ୍ୟ ହେଉଛନ୍ତି। ବଜାରରେ କୁକୁଡ଼ା ମାଂସ ଚାହିଦା ଦ୍ରୁତଗତିରେ ବଢୁଥିବା ବେଳେ ଚାଷୀ ଲାଭ ପାଉନାହାନ୍ତି। ଏଥିପ୍ରତି ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ସତ୍ୟସୁଷମା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ସମ୍ମାନ

**ଆଳି,୩୧।୫(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ କୋଲିଡିହ ପଞ୍ଚାୟତ ଦିନିଆରୀ ଗାଁରେ ସତ୍ୟ ସୁଷମା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ମୃତିସଭା ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟରତ ଦିନିଆରୀ ଗାଁର ସୁରେଶ ପାତ୍ରଙ୍କ ସ୍ୱର୍ଗତ ସ୍ତ୍ରୀ ସୁଷମା ବରାଳ ଓ ସ୍ୱର୍ଗତ ଡାକ୍ତରୀ ଛାତ୍ର ସତ୍ୟରଞ୍ଜନଙ୍କ ପ୍ରଥମ ସ୍ମୃତିସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରଭାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରିଶ ଚନ୍ଦ୍ର ପାଣ୍ଡେ, ସମ୍ମାନିତ ଅତିଥି ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରା, ଆଳି ଥାନା ଅଧିକାରୀ ଦିଲୀପ ସାହୁ, ଟ୍ରଷ୍ଟର ସଭାପତି ରମେଶ ପାତ୍ର ଓ ଅନ୍ୟତମ ଅତିଥି ଭାବେ ବାବାଜୀ ଚରଣ ରାଉତ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀ ବୃତ୍ତି ପାଇଥିବା ଚନ୍ଦନନଗର ବିଦ୍ୟାଳୟର ରାଜେନ୍ଦ୍ର ପ୍ରଧାନ, ରାଜଲକ୍ଷ୍ମୀ ବିଶ୍ୱାଳ, ଦେବନିତା ସାହୁ, ମାଟ୍ରିକ ଟପର ଓମ ପ୍ରକାଶ ବେହୁରା, ଉତ୍କଳମଣି ବିଦ୍ୟାପୀଠର ଉତ୍କଳିକା ସ୍ୱାଇଁ ଓ ମହୁ ହାଇସ୍କୁଲର ଜ୍ଞାନରଞ୍ଜନ ପାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ଏହି ସ୍ମୃତିସଭାରେ କୋଲିଡିହ ସରପଞ୍ଚ ହେମନ୍ତ ଧଳ, ସମିତିସଭ୍ୟ ସୁବାସ ଚନ୍ଦ୍ର ପରିଡ଼ା, ମହୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ, ପୂର୍ବତନ ସରପଞ୍ଚ ଦିବାକର ନାୟକ, ଅଚ୍ୟୁତାନନ୍ଦ ବଳ, ରବି ନାରାୟଣ ମହାନ୍ତି, ଜଗବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଆଳି ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଆଳି,୩୧।୫(ଡି.ଏନ.ଏ.):** ଆଳିର ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବାକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନଙ୍କ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ସଭାର ଆୟୋଜନ କରାଯାଇଥିଲା। ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କ କାର୍ଯ୍ୟକାଳ ମଙ୍ଗଳବାର ଶେଷ ହେଉଥିବାରୁ ସିଆରସିସି ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭାର କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ବନମାଳୀ ସେନାପତି ଯୋଗଦେଇ କହିଥିଲେ, ବିଦାୟୀ ଶିକ୍ଷା ଅଧିକାରୀ ପରିଡ଼ା ଆଳିରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ବନ୍ଧୁ ସୃଷ୍ଟି କରିଛନ୍ତି। ଏହା ତାଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରତିପାଦନ କରୁଛି। ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ପ୍ରମୋଦ ମଲ୍ଲିକ ଯୋଗଦେଇ ଶିକ୍ଷା ଅଧିକାରୀ ସମସ୍ତଙ୍କ ପ୍ରତି ସମଭାବାପନ୍ନ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ନରେନ୍ଦ୍ର ଆଚାର୍ଯ୍ୟ, ଅକ୍ଷୟ ଜେନା, ଧୀରେଶ ବେହେରା, ଅନୀଲ ନନ୍ଦ, ହଳଧର ସାହୁ, ପ୍ରିୟରଞ୍ଜନ ରାଉତ ରାଏ, ସଞ୍ଜୟ ମହାଲିକ, ସେକ ମତିଉଲା ଓ ମହୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ପାତ୍ର ପ୍ରମୁଖ ଯୋଗଦାନ କରି ବିଦାୟୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ଶିକ୍ଷା ଅଧିକାରୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ମୁଖ୍ୟ ଅତିଥି ଓ ଅନ୍ୟମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ଶିକ୍ଷା ଅଧିକାରୀ ପରିଡ଼ା ତାଙ୍କ କାର୍ଯ୍ୟ କାର୍ଯ୍ୟକାଳ ମଧ୍ୟରେ ସମସ୍ତଙ୍କର ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

# ରାଶନ କାର୍ଡ ହିତାଧିକାରୀଙ୍କ ଧାରଣା

**ରାଜନଗର, ୩୧।୫(ଡି.ଏନ.ଏ.)**

ରାଜନଗର ବ୍ଲକ ବେଲପାଳ ଗାଁର ରିଟେଲର ନିରଞ୍ଜନ ବିଶ୍ୱାଳ ହିତାଧିକାରୀଙ୍କୁ ଠିକ୍ ସମୟରେ ଯୋଗାଣ ସାମଗ୍ରୀ ନ ଦେବା, ଦୀର୍ଘଦିନ ଧରି କିରୋସିନ ନ ଦେବା, ସରକାରୀ ମୂଲ୍ୟଠାରୁ ଅଧିକ ଦରରେ କିରୋସିନ ବିକିବା ସମ୍ପର୍କରେ ୩ ଶହରୁ ଅଧିକ ହିତାଧିକାରୀ ଲିଖିତ ଭାବେ ଅଭିଯୋଗ କରିଥିଲେ। ହିତାଧକାରୀ ପିଛିଲା ରାଶନ ସାମଗ୍ରୀ ଦବିରେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ସୂଚନାଯୋଗ୍ୟ, ଫେବୃୟାରୀ ଓ ମାର୍ଚ୍ଚ ମାସର ସାଧାରଣ କୋଟା ଚାଉଳ ଏପ୍ରିଲ ୧୧ ତାରିଖ ସୁଦ୍ଧା ରିଟେଲର ବିଶ୍ୱାଳ ଉଠାଇଥିଲେ ମଧ୍ୟ ହିତାଧିକାରୀଙ୍କୁ ଦେଇ ନ ଥିଲେ। ଏହି ଅଭିଯୋଗ ଆଧାରରେ କେନ୍ଦ୍ରାପଡା ଜିଲା ଯୋଗାଣ ବିଭାଗର ୪ ଜଣିଆ ଟିମ୍ ବେଲପାଳ ଗାଁରେ ପହଞ୍ଚି ତଦନ୍ତ କରିଥିଲେ। ରିଟେଲର ବିଶ୍ୱାଳଙ୍କ ଘରେ ସେ ଉଠାଇଥିବା ଫେବୃୟାରୀ ଓ ମାର୍ଚ୍ଚର ଚାଉଳ ଷ୍ଟକ ଥିବା ଦେଖିଥିଲେ। ଷ୍ଟକ ଥିବା ସତ୍ତ୍ୱେ ସେ ହିତାଧିକାରୀଙ୍କୁ ଚାଉଳ ନ ଦେବା ଘଟଣା ତଦନ୍ତକାରୀ ଟିମ୍‌କୁ ତାଜୁବ କରିଥିଲା। ଏହାବାଦେ ପୁଳା ପୁଳା ଅନିୟମିତତା ପ୍ରମାଣ ପାଇଥିଲେ। ରିପୋର୍ଟ ଆଧାରରେ ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଏହି ନୋଟିସ୍‌ରେ ୯ଟି ପଏଣ୍ଟରେ ଉତ୍ତର ତାଙ୍କୁ ମଗାଯାଇଥିଲା। ଏତେ ସବୁ ଅନିୟମିତତା ଧରା ପଡିବା ପରେ ଏପ୍ରିଲଠାରୁ ବିଶ୍ୱାଳଙ୍କ ଖାଉଟି କେନ୍ଦ୍ରକୁ ଦିଆଯାଉଥିବା ଖାଉଟି ସାମଗ୍ରୀ ସ୍ଥଗିତ ରଖାଯିବା ସହ ରାଶନ ସାମଗ୍ରୀ ନେଉଥିବା ହିତାଧିକାରୀଙ୍କ କାର୍ଡକୁ ନିକଟସ୍ଥ ଖାଉଟି କେନ୍ଦ୍ର ସହ ସଂଯୋଗ କରାଯାଇଛି। ରିଟେଲର ବିଶ୍ୱାଳଙ୍କ ପାଖରେ ଥିବା ବଳକା ରାଶନ ସାମଗ୍ରୀ ଓ ଡିଭାଇସ ରାଜନଗର ଯୋଗାଣ ନିରୀକ୍ଷକଙ୍କ ପାଖରେ ଦାଖଲ କରିବାକୁ ଦୁଇ ଦୁଇଟି ଚିଠି ସତ୍ତ୍ୱେ ମଧ୍ୟ ସେ ସରକାରୀ ନିର୍ଦ୍ଦେଶ ମାନୁନାହାନ୍ତି। ଆଜି ଯାଏ ସେ ବଳକା ରାଶନ ସାମଗ୍ରୀ ଏବଂ ଡିଭାଇସ ଡିପୋଜିଟ ଦେଇନାହାନ୍ତି। ଅପରପକ୍ଷରେ ୪ଦିନ ତଳେ ୨୫ ଜଣ ହିତାଧିକାରୀ ସେମାନେ ଏପ୍ରିଲ, ମେ, ଜୁନର ରାଶନ ସାମଗ୍ରୀ ପାଉନାହୁଁ ବୋଲି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଥିଲେ। ପରେ ଯୋଗାଣ ବିଭାଗ ପକ୍ଷରୁ ବେଲପାଳ ଗାଁରେ ଡାକବାଜି ଯନ୍ତ୍ର ଯୋଗେ ସମସ୍ତ ରାଶନକାର୍ଡ ହିତାଧିକାରୀଙ୍କୁ ୱାନ କାର୍ଡ ୱାନ ନେଶନ ବ୍ୟବସ୍ଥାରେ ନିଜ ଇଚ୍ଛାରେ ଯେକୌଣସି ରିଟେଲରଙ୍କ ପାଖରୁ ସାମଗ୍ରୀ ନେଇପାରିବେ ବୋଲି ସୂଚନା ଦିଆଯାଇଥିଲା। ଏହାସତ୍ତ୍ୱେ ମଧ୍ୟ ଆଜି ୩୦ ଜଣ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ସକାଳୁ ଧାରଣାରେ ବସିଛନ୍ତି। ଆମକୁ ରିଟେଲର ବିଶ୍ୱାଳଙ୍କଠାରୁ ରାଶନ ସାମଗ୍ରୀ ଦିଆଯାଉ ଦାବିରେ ସକାଳୁ ରିପୋର୍ଟ ଲେଖା ହେବା ଯାଏଁ ଧାରଣାରେ ବସି ରହିଛନ୍ତି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାଶଙ୍କୁ ପଚାରିବାରୁ ରିଟେଲର ନିରଞ୍ଜନ ବିଶ୍ୱାଳ ଅନିୟମିତତା କରିଥିବାରୁ ତାଙ୍କ ଲାଇସେନ୍ସ ରେନୁଆଲ କରାଯାଇନାହିଁ। ଉପଜିଲାପାଳଙ୍କ କୋର୍ଟରେ ଏହା ବିଚାରାଧୀନ ଅଛି। ଡାକବାଜି ଯନ୍ତ୍ର ଯୋଗେ ହିତାଧିକାରୀମାନେ ଯେକୌଣସି ରିଟେଲରଙ୍କଠାରୁ ରାଶନ ସାମଗ୍ରୀ ନେଇପାରିବେ ବୋଲି ସୂଚନା ଦେଇଛୁ। ସେମାନେ ଅନିୟମିତତା କରିଥିବା ରିଟେଲରଙ୍କଠାରୁ ରାସନ ସାମଗ୍ରୀ ନେବେ ବୋଲି ଦାବି କରି ଧାରଣାରେ ବସିଛନ୍ତି ବୋଲି କହିଛନ୍ତି।



ରାଶନ କାର୍ଡ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

# ଯଦୁପୁର ପ୍ୟାକ୍ସରେ ଶତାଧିକ ଭୋଟରଙ୍କ ନାଁ ନାହିଁ

**କେନ୍ଦ୍ରାପଡ଼ା ଅଫିସ, ୩୧।୫**

ମହାକାଳପଡା ବ୍ଲକ ଯଦୁପୁର କୃଷି ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ)ର ଆସନ୍ତା ୨୬ ତାରିଖରେ କର୍ମକର୍ତ୍ତା ନିର୍ବାଚନ ହେବ। ତେବେ ଏହି ପ୍ୟାକ୍ସରେ ଶତାଧିକ ସଦସ୍ୟଙ୍କ ନାମ ଭୋଟର ତାଲିକାରେ ନାହିଁ। ଚକ୍ରାନ୍ତ କରାଯାଇ ଭୋଟର ତାଲିକାରୁ ନାମ କଟାଯାଇଥିବାରୁ ଅବାଧ ଓ ନିରପେକ୍ଷ ନିର୍ବାଚନ ସମ୍ଭବ ନୁହେଁ। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ସ୍ଥାନରେ ନୂତନ ନିର୍ବାଚନ ଅଧିକାରୀ ନିଯୁକ୍ତି ଦାବି କରି ସଦସ୍ୟମାନେ ଜିଲାପାଳ, ଏଆର୍‌ସିଏସ୍‌ଙ୍କୁ ମଙ୍ଗଳବାର ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ସଦସ୍ୟ ପୀତାମ୍ବର ସାହୁ କହିଛନ୍ତି, ସଦସ୍ୟମାନେ ପୂର୍ବ ନିର୍ବାଚନରେ ଭୋଟର ଭାବେ ଭୋଟଦାନ କରିଥିଲେ। ତେବେ ଚଳିତ ଭୋଟର ତାଲିକାରୁ ଶତାଧିକ ସଦସ୍ୟଙ୍କ ନାମ କଟାଯାଇଛି। ଏହି ପ୍ୟାକ୍ସରେ ଏପରି ବିବାଦୀୟ କାର୍ଯ୍ୟ କରି ସମ୍ପାଦକ ପୂର୍ବରୁ ନିଲମ୍ବିତ ହୋଇଛନ୍ତି। ଏବେ ସହସମ୍ପାଦକ ଏହି ପଦବୀରେ ଥିବା ବେଳେ ନିର୍ବାଚନ ହେଉଛି। ଭୋଟର ତାଲିକାରେ ଜାଲିଆତି ଦ୍ୱାରା ଅବାଧ ନିର୍ବାଚନ ପ୍ରତି ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ନିର୍ବାଚନ ପରିଚାଳନା ଅଧିକାରୀଙ୍କୁ ବଦଳାଇ ଅନ୍ୟ ସମ୍ପାଦକଙ୍କୁ ଏହି ପ୍ୟାକ୍ସ ନିର୍ବାଚନରେ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଦସ୍ୟ ଅଜୟ କୁମାର ପରିଡ଼ା, ପ୍ରମୋଦ କୁମାର ମହାପାତ୍ର, ଅଜୟ କୁମାର ବେହୁରା, କୈଳାସ ଚନ୍ଦ୍ର କର ପ୍ରମୁଖ ସାମିଲ ହୋଇଥିଲେ।

# ସ୍ତ୍ରୀଙ୍କୁ ମାସିକ ୩ ହଜାର ଭତ୍ତା ନିର୍ଦ୍ଦେଶ

**ଆଖଡ଼ାଶାଳୀ ନରହରି ସେଠୀଙ୍କ ମୃତ୍ୟୁ ମାମଲା**

**କେନ୍ଦ୍ରାପଡ଼ା ଅଫିସ, ୩୧।୫**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଖଡାଶାଳୀର ନରହରି ସେଠୀଙ୍କ ହତ୍ୟା ମାମଲାରେ ଓଡ଼ିଶା ମାନବାଧିକାର କମିଶନ ପକ୍ଷରୁ ସୋମବାର ରାୟ ପ୍ରକାଶ ପାଇଛି। କମିଶନ ବିଧବା ସ୍ତ୍ରୀ ନିର୍ମଳାଙ୍କୁ ମାସିକ ୩ ହଜାର ଟଙ୍କା ଲେଖାଏ ଭତ୍ତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ଭତ୍ତା ୨୦୧୫ ମସିହା ଜାନୁୟାରୀ ପହିଲାରୁ ପିଛିଲା ଭତ୍ତା ସହ ନିର୍ମଳାଙ୍କୁ ଦିଆଯିବ ବୋଲି ରାୟରେ ଉଲ୍ଲେଖ ହୋଇଛି। କେନ୍ଦ୍ରାପଡା ଜିଲା ଆମ୍ବେଡକର ଲୋହିଆ ବିଚାର ମଞ୍ଚର ସଭାପତି ସଂଗ୍ରାମ କେଶରୀ ମଲ୍ଲିକ କହିଛନ୍ତି, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ରିଜୋଲ୍ୟୁଶନ ଅନୁଯାୟୀ କ୍ଷତିପୂରଣ ପାଇବାକୁ ଏହି ମାମଲାକୁ କମିଶନ ନିକଟରେ ଉଠାଇ ଥିଲେ। ପିଛିଲା ଭତ୍ତା ୪ ମାସ ମଧ୍ୟରେ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୪ ମସିହା ଜୁଲାଇ ୨୩ରେ ନରହରିଙ୍କ ସହ କେତେକ ସବର୍ଣ୍ଣ ଲୋକଙ୍କର ଦ୍ୱନ୍ଦ୍ୱ ହୋଇଥିଲା। ଏହି ଲୋକମାନେ ନରହରିଙ୍କୁ ମାରିଦେବା ସହ ନିର୍ମଳାଙ୍କୁ ଅଭଦ୍ରୋଚିତ ବ୍ୟବହାର ଦେଖାଇଥିଲେ। ଏଥିସହ ତାଙ୍କର ବୋଟ୍‌କୁ ଭଙ୍ଗାରୁଜା ସହ ପାୱାରଟିଲର, ପମ୍ପସେଟ, ଟଙ୍କା, ଘରର ଆସବାବପତ୍ର ଲୁଟି ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା।

# ଅଗ୍ନିକାଣ୍ଡରେ ୮ ବଖରା ଭସ୍ମୀଭୂତ ୨ ଗୋରୁ ଜୀବନ୍ତ ଦଗ୍ଧ

**ରାଜକନିକା,୩୧।୫ (ଡି.ଏନ.ଏ. )**

ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତର ନନ୍ଦିମାହାରା ଗାଁ ଭାଗିରଥୀ ଧଳ ଓ ବନମାଳୀ ଧଳଙ୍କର ସୋମବାର ରାତିରେ ୬ ବଖରା ସହ ଗୋଟିଏ ବଖରା ରୋଷେଇ ଓ ଗୋଟିଏ ବଖରା ଗୁହାଳ ପୋଡି ଯାଇଥିଲା। ଅଗ୍ନିକାଣ୍ଡରେ ୨ଟି ଗୋରୁ ଜୀବନ୍ତଦଗ୍ଧ ହୋଇଯାଇଥିଲେ। ପରିବାର ପାଖରେ ପିନ୍ଧା ଲୁଗା ଛଡ଼ା କିଛି ନାହିଁ। ଅଗ୍ନିକାଣ୍ଡରେ ପରିବାର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଛି। ନିଆଁକୁ ଲିଭାଇବାକୁ ଯାଇଥିବା ଗାଁର ଯୁବକ ରଞ୍ଜନ ବେହେରାଙ୍କ ଉପରେ ଘରର କାଠ ବାଉଁଶ ପଡିଯିବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରେଡକ୍ରସ ପାଣ୍ଠିରୁ ରାଜକନିକା ତହସିଲଦାର ପ୍ରେମାନନ୍ଦ ବେହେରା ଅଗ୍ନି ବିପନ୍ନଙ୍କ ପାଖରେ ପହଞ୍ଚି ଭାଗିରଥୀ ଓ ବନମାଳୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦେବା ସହ ନିଆଁ କୁ ଲିଭାଇବାକୁ ଯାଇ ଗୁରୁତର ଆହତ ହୋଇଥିବା ରଞ୍ଜନଙ୍କ ଚିକିତ୍ସା ଲାଗି ତାଙ୍କ ମା' ସୁମିତ୍ରାଙ୍କୁ ୨୦ହଜାର ଟଙ୍କା ଦିଆଯାଇଥିଲା। ବିଡିଓ ରବିନାରାୟଣ ଆଚାର୍ଯ୍ୟ ଅଗ୍ନି ବିପନ୍ନଙ୍କୁ ଭେଟି ସରକାରୀ ସୁବିଧା ସୁଯୋଗ ଯାହା ହୋଇପାରିବ ତାହା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ



ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ଉତ୍ସବରେ ଉପସ୍ଥିତ ନେତୃମଣ୍ଡଳୀ।

**ପାଟକୁରା ୩୧।୫ (ଡି.ଏନ.ଏ.)**

ବେଦପ୍ରକାଶ ଅଗ୍ରୱାଲା ସ୍ମୃତି ପରିଷଦ ପକ୍ଷରୁ ମଙ୍ଗଳବାର ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଗରଦପୁର ବ୍ଲକ ପରିସରରେ ଲୋକାର୍ପିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷା ତଥା ରାଜ୍ୟ ବିଜେଡି ସମ୍ପାଦିକା ମଧୁମତି ଅଗ୍ରୱାଲା ଏହାକୁ ଲୋକାର୍ପିତ କରିଛନ୍ତି। ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ବିଡିଓ ରଞ୍ଜିତ କୁମାର ମଲ୍ଲିକ, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ ମଧ୍ୟ ଉପସ୍ଥିତ ଥିଲେ। ଏହାଦ୍ୱାରା ବ୍ଲକକୁ ବିଭିନ୍ନ ପଞ୍ଚାୟତରୁ ଆସୁଥିବା ଜନସାଧାରଣ ଏଠାରୁ ଥଣ୍ଡା ପାନୀୟ ଜଳ ପାଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଆବାହକ ପ୍ରହଲ୍ଲାଦ ସାହୁ, ସରପଞ୍ଚ ଲୋହିତ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ବାସୁଦେବ ବେହେରା, ଦୀଲିପ ସେଠୀ, ସରପଞ୍ଚ ସନ୍ତୋଷ ମାହାଳି, ପ୍ରକାଶ ସାହୁ ଗୋକୁଳାନନ୍ଦ ବେହେରା, ଅନୁସୟା ବେହେରା, ଉପାଧ୍ୟକ୍ଷା ସୌଦାମିନୀ ଆଚାର୍ଯ୍ୟ, ସମିତିସଭ୍ୟା ମହେଶ୍ୱତା ସାମଲ, ନର୍ଗିସ ବିବି, ସରପଞ୍ଚ ଅଭୟ ମଲ୍ଲ, ପ୍ରଭାତ ନଳିନୀ ଜେନା, ଅନୁଜ ମହାନ୍ତି, ଡ. ଲିଙ୍ଗରାଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ

**ରାଜନଗର, ୩୧।୫(ଡି.ଏନ.ଏ.)**

ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଭିତରକନିକାର ଜୈବ ବିବିଧତାକୁ ସୁରକ୍ଷା ଦେବାକୁ ଏହାର ସୀମା ସରହଦରେ ଥିବା ବେଆଇନ ଚିଙ୍ଗୁଡି ଘେରିଗୁଡିକୁ ଉଚ୍ଛେଦ କରାଯାଉଛି। ମଙ୍ଗଳବାର ରାଜନଗର ତହସିଲଦାର ଭୋଳାନାଥ ସେଠୀ, ସୁପରଭାଇଜର ବୈଷ୍ଣବ ଚରଣ ଦ୍ୱିବେଦୀ, ରାଜସ୍ୱ ନିରୀକ୍ଷକ କମଳାକାନ୍ତ ମଲ୍ଲିକ, ମତ୍ସ୍ୟ ବିଭାଗର ଅଧିକାରୀଙ୍କ ସହ ପୋଲିସଙ୍କ ଦ୍ୱାରା କୋଇଲିପୁର ପଞ୍ଚାୟତ ଅନ୍ତର୍ଗତ ତାରାଦେଇପୁର ଓ ଦଉପୁର ଅଞ୍ଚଳରେ ୪ଟି ବେଆଇନ ଚିଙ୍ଗୁଡି ଘେରିକୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ସମୟରେ ପ୍ରତାପ ଖଣ୍ଡୁଆଳଙ୍କ ସ୍ତ୍ରୀ ଆମ ଜାଗାରେ ଆମେ ପୋଖରୀ ଖୋଳି ମିଠା ମାଛ ଚାଷ କରିଛୁ, ଆପଣ କାହିଁକି ଭାଙ୍ଗିବେ ବୋଲି ତହସିଲଦାରଙ୍କୁ ପ୍ରଶ୍ନ କରିବା ସହ ଜେସିବି ଆଗରେ ଛିଡା ହୋଇଥିଲେ। ଆପଣ ଅମିନ ଆଣି ମାପିବା ପରେ ଭାଙ୍ଗନ୍ତୁ ବୋଲି ମହିଳା ଜଣଙ୍କ ଦାବି କରିଥିଲେ। ମାତ୍ର ତହସିଲଦାର କିଛି ନ ଶୁଣି ସେହି ଘେରିକୁ ଭାଙ୍ଗିଥିଲେ।



# ମଧ୍ୟାହ୍ନଭୋଜନ ଟଙ୍କା ହଡ଼ପ ଘଟଣା: ପ୍ରଧାନ ଶିକ୍ଷକ ନିଲମ୍ବିତ

**ରାଜନଗର, ୩୧।୫ (ଡି.ଏନ.ଏ.)**

କରୋନା ମହାମାରୀ ସମୟରେ ବିଦ୍ୟାଳୟ ବନ୍ଦ ଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ମଧ୍ୟାହ୍ନଭୋଜନ ଟଙ୍କା ହଡପ ଘଟଣାରେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ରୋଷେଇ ପାଇଁ ସରକାର ଯୋଗାଇ ଦେଉଥିବା ମୁଣ୍ଡ ପିଛା ଟଙ୍କା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଠାଇ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବାଣ୍ଟିଥାନ୍ତି। ମାତ୍ର ଜଣେ ପ୍ରଧାନ ଶିକ୍ଷକ ବଦଳି ହୋଇ ଯିବାର ୩ଦିନ ପୂର୍ବରୁ ବ୍ୟାଙ୍କରୁ ୩୭୪ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଟଙ୍କା ଉଠାଇ ବାଣ୍ଟି ନ ଥିଲେ। ଦୀର୍ଘ ୭ମାସ ଧରି ଛାତ୍ରୀଛାତ୍ରମାନେ ଏହି ଅର୍ଥ ନ ପାଇବା ଘଟଣାକୁ ନେଇ ଅଭିଭାବକମାନେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ପହଞ୍ଚି ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ରିପୋର୍ଟ ଆଧାରରେ ବ୍ଲକ ଶିକ୍ଷାଧିକାରୀ ମଙ୍ଗଳବାର ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି।

କରୋନା ସମୟରେ ବିଦ୍ୟାଳୟ ବନ୍ଦ ଥିଲେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ସରକାର ମଧ୍ୟାହ୍ନଭୋଜନ ପାଇଁ ଚାଉଳ ଏବଂ ଟଙ୍କା ଯୋଗାଇ ଦେଇଥିଲେ। ପ୍ରଥମରୁ ୫ମ ଛାତ୍ରୀଛାତ୍ରଙ୍କୁ ମୁଣ୍ଡ ପିଛା ଦୈନିକ ୧୦୦ ଗ୍ରାମ ଚାଉଳ ଓ ରୋଷେଇ ସାମଗ୍ରୀ ବାବଦକୁ ଦୈନିକ ୫ ଟଙ୍କା ୪୨ ପଇସା ହିସାବରେ ଅର୍ଥ ଯୋଗାଇ ଦେଇଥିବା ବେଳେ ୬ଷ୍ଠରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ମୁଣ୍ଡ ପିଛା ୧୫୦ ଗ୍ରାମ ଚାଉଳ ଓ ଦୈନିକ ୮ ଟଙ୍କା ୧୦ ପଇସା ହିସାବରେ ଟଙ୍କା ଯୋଗାଇ ଦେଇଥିଲେ। ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ପଟାପାରିଆ ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟର ୩୭୪ ଜଣ ଛାତ୍ରୀଛାତ୍ର ଆଜି ଯାଏ ମଧ୍ୟାହ୍ନ ଭୋଜନ ଟଙ୍କା ପାଇନାହାନ୍ତି। ଅଭିଭାବକମାନେ କରିଥିବା ଅଭିଯୋଗ ମୁତାବକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିବା ପ୍ରସନ୍ନ କୁମାର କରଣ ପଦୋନ୍ନତି ପାଇଁ ରାଜେନ୍ଦ୍ର ନାରାୟଣପୁର ପ୍ରାଥମିକ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଭାବେ ବଦଳି ହୋଇଯାଇଥିଲେ। ୨୫ ଅକ୍ଟୋବର ୨୦୨୧ରେ କରଣ ବଦଳି ହୋଇ ରାଜେନ୍ଦ୍ର ନାରାୟଣପୁର ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ମାତ୍ର କରଣ ୨୨ ଅକ୍ଟୋବର ୨୦୨୧ରେ ଛାତ୍ର ଛାତ୍ରୀଙ୍କ ପାଇଁ ଆସିଥିବା ମଧ୍ୟାହ୍ନଭୋଜନ ଟଙ୍କାରୁ ୯୧ ହଜାର ଟଙ୍କା ଉଠାଇ ଥିଲେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ନ ବାଣ୍ଟି ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଯାଇଛନ୍ତି। ଅଭିଭାବକମାନେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଏହି ଅଭିଯୋଗ ପାଇବା ପରେ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମହାନ୍ତି ବିଦ୍ୟାଳୟରେ ପହଞ୍ଚି ତଦନ୍ତ ବେଳେ ଅନିୟମିତତାର ପ୍ରମାଣ ପାଇଥିଲେ। ବିଦ୍ୟାଳୟରେ କୌଣସି ରେକର୍ଡ ନ ଥିବା ବେଳେ ବଦଳି ହୋଇ ଆସିଥିବା ପ୍ରଧାନ ଶିକ୍ଷକ ଆଜି ଯାଏଁ ଚାର୍ଜ ଦେଇନାହାନ୍ତି। ଏପରି କି ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ବାବଦ ୯୧ ହଜାର ଟଙ୍କା ଉଠାଇ ବାଣ୍ଟି ନ ଥିବା ରିପୋର୍ଟରେ ଦର୍ଶାଇ ଥିଲେ। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ରାଜେନ୍ଦ୍ର ନାରାୟଣପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରଣଙ୍କୁ ନିଲମ୍ବନ କରିବା ସହ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତାଙ୍କର ହେଡକ୍ୱାର୍ଟରେ ଫିକ୍ସ କରାଯାଇଛି।

# ଶ୍ରମିକ ବଦଳରେ ମେଶିନରେ କାମ

- ହାତ ବାନ୍ଧି ବସିଛନ୍ତି ଶ୍ରମିକ
- ବିଡିଓ, ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ

**ମହାକାଳପଡ଼ା, ୩୧।୫ (ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ ଶ୍ରମିକମାନଙ୍କୁ ରୋଜଗାର ଯୋଗାଇ ଦେବାକୁ ଗ୍ରାମାଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଯୋଜନା କାର୍ଯ୍ୟକାରୀ କରାଯାଉଛି। ତୃଣମୂଳ ସ୍ତରରେ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ତାହାକୁ କେହି ଦେଖୁନାହାନ୍ତି। ପ୍ରଶାସନିକ ଅଧିକାରୀ କାର୍ଯ୍ୟ କ୍ଷେତ୍ର ପରିଦର୍ଶନ କରି ଶ୍ରମିକଙ୍କୁ କାମ ଯୋଗାଇ ଦେବାର ବ୍ୟବସ୍ଥା କରୁନାହାନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ମାଧ୍ୟମରେ ପ୍ରତ୍ୟେକ ଜବ୍‌କାର୍ଡଧାରୀଙ୍କୁ ଗାଁରେ ଶହେଦିନର କାମ ଯୋଗାଇ ଦେବାକୁ ସରକାରଙ୍କ ଘୋଷଣା ସେମାନଙ୍କ ପାଇଁ ସାତସପନ ପାଲଟିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜବ୍‌କାର୍ଡଧାରୀମାନେ ଯେଉଁ କାମ କରିବା କଥା ତାହାକୁ ମେଶିନ ସାହାଯ୍ୟରେ କରାଯାଉଛି। ଫଳରେ ଜବ୍‌କାର୍ଡଧାରୀମାନେ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଯଦୁପୁର ପଞ୍ଚାୟତ ମଶାକଣି ଗାଁର ଜବ୍‌କାର୍ଡଧାରୀମାନଙ୍କ କ୍ଷେତ୍ରରେ।

ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତରେ ଏ ମ୍ ଜି ଏ ନ୍ ଆ ର୍ ଇ ଜି ଏ ସ୍ ରେ ପୋଖରୀ ଖନନ, ରାସ୍ତା ନିର୍ମାଣ ଆଦି ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ଗ୍ରାମର ଜବ୍‌କାର୍ଡଧାରୀମାନେ କାମ ଅଭାବରୁ ରୋଜଗାର ପାଉନାହାନ୍ତି। ବହୁ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି। ରାସ୍ତା ଓ ପୋଖରୀ କାମ ଜେସିବି ଲଗାଇ କରାଯାଉଥିବା ନେଇ ମଶାକଣି ଗାଁର କେତେଜଣ ଜବ୍‌କାର୍ଡଧାରୀ ମଙ୍ଗଳବାର ବିଡିଓ ଦେବାଶିଷ ରାଉତଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଜବ୍‌କାର୍ଡଧାରୀଙ୍କୁ ରାସ୍ତା ଓ ପୋଖରୀ ଖନନ କାମରେ ନିୟୋଜିତ କରିବା, ଜେସିବି ସାହାଯ୍ୟରେ ପୋଖରୀ ଖନନ ବନ୍ଦ କରିବା, ସେମାନଙ୍କୁ ଶହେ ଦିନର କାମ ଯୋଗାଇ ଦେବାକୁ ଦାବି କରିଛନ୍ତି। ଜବ୍‌କାର୍ଡଧାରୀମାନଙ୍କ କହିବା କଥା ଆମ ମୁହଁରୁ ଦାନାକୁ ଛଡାଇ ନିଆଯାଇ ଜେସିବି ମାଲିକଙ୍କୁ ପୋଷା ଯାଉଛି। ଫଳରେ ଜବକାର୍ଡଧାରୀମାନେ କାମ ନ ପାଇ ହାତ ବାନ୍ଧି ଘରେ ବସିଛନ୍ତି। ଏହି ବେଆଇନ କାମକୁ ନେଇ ଗାଁର ଜବ୍‌କାର୍ଡଧାରୀମାନେ କେନ୍ଦ୍ରାପଡ଼ା ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଭାଗୀୟ ସଚିବଙ୍କୁ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ପ୍ରଶାସନ ଏହି ବେଆଇନ୍ ଭାବେ ଚାଲିଥିବା ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ମଶାକଣି ଗାଁରେ ଜେସିବିରେ ପୋଖରୀ ଖନନ କରାଯାଉଛି।

# ଯଥାର୍ଥତା ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ

**ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନର ନାମ ପରିବର୍ତ୍ତନ ପ୍ରସଙ୍ଗ**

- ୩ ବର୍ଷ ହେଲା ପ୍ରସ୍ତାବରେ ସୀମିତ
- ଗତ ବର୍ଷ ରିପୋର୍ଟ ପଠାଯାଇଥିଲା:ଜିଲାପାଳ

ଯାଜପୁର ଅଫିସ,୩୧।୫

ହାୱାଡା-ଚେନ୍ନାଇ ମୁଖ୍ୟ ରେଳଲାଇନରେ ଥିବା ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନର ନାମ ପରିବର୍ତ୍ତନ ପ୍ରସ୍ତାବ ଚୂଡ଼ାନ୍ତ ହୋଇ ପାରିନାହିଁ। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସବିଶେଷ ଯଥାର୍ଥତା (ଜଷ୍ଟିଫିକେଶନ) ରିପୋର୍ଟ ଦାଖଲ ହୋଇ ପାରି ନ ଥିବାରୁ ଏହି ପ୍ରସ୍ତାବ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଅଟକି ରହିଛି। ଏହି ମର୍ମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୨୭୭/୯।୨।୨୦୨୧ରେ ଯାଜପୁର ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲେ ହେଁ ତାହା ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହି କ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ଉପ ସଚିବ ଦୁର୍ଗାଚରଣ ସାହୁ ପୁଣି ଗତ ୨୭ ତାରିଖରେ ନାମ ପରିବର୍ତ୍ତନ ସଂକ୍ରାନ୍ତରେ ସବିଶେଷ ଯଥାର୍ଥତା ରିପୋର୍ଟ ମାଗିଛନ୍ତି। ଜିଲା ପ୍ରଶାସନର ଅବହେଳାରୁ ଷ୍ଟେଶନର ନାମ ପରିବର୍ତ୍ତନ ପ୍ରସ୍ତାବରେ ସୀମିତ ରହିଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ମତପ୍ରକାଶ ପାଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରରେ ଥିବା ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନର ନାମ ଥିଲେ ହେଁ ଏଠାରୁ କେନ୍ଦୁଝର ଜିଲାକୁ ଗୋଟିଏ ବି ଟ୍ରେନ ଚଳାଚଳ କରୁନାହିଁ । ଏହି ନାମ ଇଂରେଜ ଅମଳରୁ ରହି ଆସିଛି। ତେଣୁ ସେହି ନାମ ପରିବର୍ତ୍ତନ କରି ଯାଜପୁର ରେଳ ଷ୍ଟେଶନ ନାମରେ ନାମିତ କରିବାକୁ ୨୦୧୮ ଅକ୍ଟୋବର ଓ ନଭେମ୍ବର ୩୦ରେ ତତ୍କାଳୀନ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଦିଲ୍ଲୀର ବାରଡପୁରରେ ରହୁଥିବା ହରିଶ୍ଚନ୍ଦ୍ର ସାହୁ ପତ୍ର ମାଧ୍ୟମରେ ଦାବି କରିଥିଲେ ।



ଯାଜପୁର କେନ୍ଦୁଝର ରୋଡ଼ ଲେଖାଥିବା ଫଳକ ।

ଏପରି କି ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଏନେଇ ୨୦୧୯ ଜୁଲାଇ ୨୨ରେ ପତ୍ର ଲେଖିଥିଲେ । ଦାବିପତ୍ରରେ ସେ ଦର୍ଶାଇଥିଲେ ଯେ, ଇଷ୍ଟକୋଷ୍ଟ ରେଲୱେର ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲାର ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନର ନାମ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି । ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନର ନାମ ସମ୍ପୂର୍ଣ୍ଣ ଭୁଲ । କେନ୍ଦୁଝର ଜିଲାକୁ ପୂର୍ବରୁ ରେଳଲାଇନ ଯାଇଛି ଓ କେନ୍ଦୁଝର ରୋଡ ଷ୍ଟେଶନ ନାମ ରହିଛି, ଯାହାକି କେନ୍ଦୁଝର ଜିଲା ଅନ୍ତର୍ଗତ । ଗତ ଦଶନ୍ଧି ହେଲା ଏହି ଷ୍ଟେଶନ ପ୍ରତିଷ୍ଠା ହୋଇଥିଲା । ଯାଜପୁର ଓ କେନ୍ଦୁଝର ଜିଲା ସମ୍ପୂର୍ଣ୍ଣ ଅଲଗା । ଯାଜପୁର-କେନ୍ଦୁଝରରୋଡ ନାମ କେନ୍ଦୁଝର ଜିଲା ଅନ୍ତର୍ଗତ ବୋଲି ମନେହେଉଛି । ଯେହେତୁ ଯାଜପୁର ଜିଲା ଏକ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇ ସାରିଛି, ତେଣୁ ଏହି ଷ୍ଟେଶନର ନାମରେ କେନ୍ଦୁଝର ଯୋଡିବାର ଆଉ ଆବଶ୍ୟକତା ନାହିଁ । ଗୋଟିଏ ଷ୍ଟେଶନର ନାମରେ ଦୁଇଟି ଜିଲାର ନାମ ରହିବା ଆଦୌ ଯୁକ୍ତିଯୁକ୍ତ ନୁହେଁ । ତେଣୁ ଜିଲା ଅନୁସାରେ ଏହି ଷ୍ଟେଶନର ନାମ ଯାଜପୁର ନାମରେ ନାମିତ କରିବାକୁ ସାହୁ ଦାବି କରିଥିଲେ । ଏହାପରେ ଭାଜପା ବ୍ୟାସଦେବ ମଣ୍ଡଳ, ବ୍ୟାସନଗର ପକ୍ଷରୁ ଏହି ଷ୍ଟେଶନର ନାମ ଯାଜପୁରରୋଡ କିମ୍ବା ଡୋଳିପୁର ନାମରେ ନାମିତ କରିବାକୁ ଇଷ୍ଟକୋଷ୍ଟ ରେଲୱେ ଡିଆରଏମ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟଥା ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନ ସମ୍ମୁଖରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଥିଲା। ଏହି ଦାବି ଉପରେ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସବିଶେଷ ଭାବେ ସମୀକ୍ଷା କରାଯାଇଥିଲା। କିନ୍ତୁ ରେଲୱେ ବୋର୍ଡର କମର୍ସିଆଲ ସର୍କୁଲାର-୧୨ ନମ୍ବର/୧୭।୫।୧୯୯୯ ଅନୁସାରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ବିଭାଗ ଏକାକୀ ନାମ ପରିବର୍ତ୍ତନ କରିବାକୁ ମଞ୍ଜୁର ଦେଇପାରିବେ ନାହିଁ ବୋଲି ସେତେବେଳେ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା । ଏହାପରେ ପ୍ରସ୍ତାବଟି ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇ ଗୃହ ମନ୍ତ୍ରଣାଳୟକୁ ଅନୁମୋଦନ ଯିବା ଉଚିତ୍ ବୋଲି ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି କ୍ରମରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପଦକ୍ଷେପ ନେବା ଆରମ୍ଭ କରି ଯାଜପୁର ଜିଲାପାଳଙ୍କ ମତାମତ ଲୋଡିଥିଲେ। ତେଣୁ ଗତ ୨୭ ତାରିଖରେ ଜିଲାପାଳଙ୍କୁ ଦେଇଥିବା ପତ୍ରରେ ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଉପରେ ଅନୁପାଳନ ରିପୋର୍ଟ ଗ୍ରହଣ ହୋଇ ନ ଥିବାରୁ ଏଯାଏ ଷ୍ଟେଶନର ନାମ ପରିବର୍ତ୍ତନ ଚୂଡ଼ାନ୍ତ ହୋଇ ପାରିନାହିଁ ବୋଲି ଦର୍ଶାଯାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, ଗତବର୍ଷ ରେଳଷ୍ଟେଶନର ନାମ ପରିବର୍ତ୍ତନ କରିବାକୁ ତଥ୍ୟ ଭିତ୍ତିକ ଯଥାର୍ଥତା ରିପୋର୍ଟ ପଠାଇଥିଲୁ। କିନ୍ତୁ ରେଳ ବିଭାଗ ପାଇଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ। ଯଦି ପୁଣି ନିର୍ଦ୍ଦେଶ ପତ୍ର ଆସିଛି, ଆଉ ଥରେ ରିପୋର୍ଟ ପ୍ରସ୍ତୁତ କରି ନିଶ୍ଚିତ ଭାବେ ପଠାଯିବ।

## ସଂକ୍ଷେପରେ

### ସିଲିଣ୍ଡରରୁ ଗ୍ୟାସ୍ ଲିକ୍, ୪ ଦୋକାନ ଜଳିଗଲା



ପାଣିକୋଇଲି,୩୧।୫(ଡି.ନ.ଏ.):ପାଣିକୋଇଲି ବଜାରରେ ଏକ ଉଠା ଦୋକାନରୁ ନିଆଁ ଲାଗି ୪ ଦୋକାନ ଜଳିଯାଇଛି । ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିଥିଲେ ମଧ୍ୟ ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଛି । ସୂଚନା ଅନୁଯାୟୀ, କାଳିଆ ବେହେରାଙ୍କ ସେହି ବଜାରରେ ଏକ ଉଠା ଜଳଖିଆ ଦୋକାନ ରହିଛି । ମଙ୍ଗଳବାର ସକାଳେ ସେ ଜଳଖିଆ ପ୍ରସ୍ତୁତ କରୁଥିବା ବେଳେ ହଠାତ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟ ଭିତରେ ସେହି ନିଆଁ ପାଖ ୩ ଦୋକାନକୁ ବ୍ୟାପୀ ଯାଇଥିଲା । ଏଥିରେ ଦୋଳଗୋବିନ୍ଦ ବାରିକଙ୍କ ଚା ଦୋକାନ, ମହେଶ୍ୱର ବେହେରାଙ୍କ ଛେନା ଦୋକାନ ଓ ନବଘନ ବେହେରାଙ୍କ ଫଳ ଦୋକାନ ଜଳି ଯାଇଛି ।

### ଲାୟନ ଇଲେଭେନ ଟିମ୍ ଚାମ୍ପିୟନ

**ଚାନ୍ଦପୁର ପ୍ରିମିୟର ଲିଗ୍**

ପାଣିକୋଇଲି,୩୧।୫(ଡି.ଏନ.ଏ.): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଚାଲିଥିବା ଚାନ୍ଦପୁର ପ୍ରିମିୟର ଲିଗ୍ ସୋମବାର ରାତିରେ ଉଦ୍‌ଯାପିତ ହୋଇଛି । ଏଥିରେ ଲାୟନ୍ ଇଲେଭେନ୍ ଟିମ୍ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ୍ ମଙ୍ଗଳା ଟାଇଟନ୍ସ ଓ ଲାୟନ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମଙ୍ଗଳା ଟାଇଟନ୍ସ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୮ ଓଭରରେ ୫ ଉଇକେଟ ହରାଇ ୫୬ ରନ ସଂଗ୍ରହ କରିଥିଲା । କ୍ୟାପଟେନ ବାଦଲ ସାମଲ ସର୍ବାଧିକ ୧୦ ବଲରେ ୨୧ ରନ ସଂଗ୍ରହ କରିଥିଲେ । ଏହାର ଜବାବ୍‌ରେ ଲାୟନ ଇଲେଭେନ ଶେଷ ଓଭରରେ ୪ ଉଇକେଟ ହରାଇ ୫୭ ରନ ସଂଗ୍ରହ କରି ବିଜୟ ହାସଲ କରିବା ସହ ଚଳିତ ବର୍ଷର ଚାମ୍ପିୟନ ହୋଇଥିଲା । ଏହି ମ୍ୟାଚକୁ ସୁର୍ଗ ପ୍ରସାଦ ପଟ୍ଟନାୟକ, ସେକ୍ ତାଫିଜୁଲ, ତୃତୀୟ ଅମ୍ପେୟାର ରୂପେ ରତି ରଞ୍ଜନ ରାୟ ପରିଚାଳନା କରିଥିଲେ । ମ୍ୟାନ ଅଫ୍ ଦି ସିରିଜ ଜିତୁନ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଅଭିଷେକ ସ୍ୱାଇଁ, ମ୍ୟାନ ଅଫ୍ ଦି ଉଇନର ବଚନ ସ୍ୱାଇଁ, ଚତୁର ବ୍ୟାଟ୍ସମ୍ୟାନ ଭାବେ ବାପିନଙ୍କୁ ପୁରସ୍କୃତ କରାଯାଇଥିଲା । ଅତିଥି ଭାବେ ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ, ସାମାଜିକ କର୍ମୀ ବନୋଜ ଜେନା, ଜୟ ପ୍ରକାଶ ବିଶ୍ୱାଳ, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ରାଉତ, ଡ.ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର କର୍ମକର୍ତ୍ତା ମନ୍ମଥ ପଣ୍ଡା, ଅମରେଶ ସ୍ୱାଇଁ, ତ୍ରିଲୋଚନ ସ୍ୱାଇଁ, ଶିବ ପରିଡା, ବିଭୁଦତ୍ତ ମଲ୍ଲିକ, ସଞ୍ଜୀବ ସେନାପତି, ରଶ୍ମିରଞ୍ଜନ ପରିଡା, ଅଜୟ ପରିଡା, ସୁରେଶ ସ୍ୱାଇ, ପ୍ରବୀଣ ଜେନା, ବ୍ରଜ ସ୍ୱାଇଁ, ସତ୍ୟଜିତ ଜେନା, ସତ୍ୟ ରଞ୍ଜନ ପରିଡା, ଶର୍ଙ୍କଷଣ ପରିଡା, ରବିନ୍ଦ୍ର ସେନାପତି ପ୍ରମୁଖ ଏଥିରେ ଏହି ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ ।

## ୩୫ ଅଭିଯୋଗର ତୁରନ୍ତ ସମାଧାନ ହେଲା

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣୀ ହେଲା

ଯାଜପୁର ଟାଉନ,୩୧।୫(ଡି.ଏନ.ଏ.)

ମଙ୍ଗଳବାର ବ୍ୟାସନଗର ପୌରପାଳିକା ସମ୍ମିଳନୀ ଗୃହରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ଶିବିରକୁ ଆସୁଥିବା ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ଶୁଣାଣିରେ ମୋଟ ୯୨ ଅଭିଯୋଗ ମଧ୍ୟରୁ ସାମୁହିକ ୮, ବ୍ୟକ୍ତିଗତ ୮୪, ରେଡକ୍ରସ ସହାୟତା ୭ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୮ ଆବେଦନ ପତ୍ର ମିଳିଥିଲା । ୩୫ ଆବେଦନର ତୁରନ୍ତ ସମାଧାନ କରାଯାଇଥିଲା । ଅନ୍ୟ ୪୨ ଅଭିଯୋଗର ସମାଧାନ ଅଧିକାରୀମାନଙ୍କ ଦ୍ୱାରା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର.,ଉପଖଣ୍ଡ ଆରକ୍ଷୀ ଅଧିକାରୀ ଚିନ୍ମୟ କୁମାର ନାୟକ,ଏପିଡି ରଶ୍ମିରେଖା ପ୍ରଧାନ, ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ବିଧାୟକଙ୍କ ଦ୍ୱାରା ଶିକ୍ଷାବିତ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ବାଲିଚନ୍ଦ୍ରପୁର,୩୧।୫(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ୍ ଅଣକା ପଞ୍ଚାୟତସ୍ଥିତ କୃଷ୍ଣପୁରଶାସନଠାରେ ଶିକ୍ଷାବିତ୍ ସ୍ୱର୍ଗତ ପ୍ରତାପ ଚନ୍ଦ୍ର ଶତପଥୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଶିକ୍ଷାବିତ୍ ଶତପଥୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ସେ ଜଣେ ବହୁମୁଖି ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ସ୍ୱର୍ଗତ



ଶତପଥୀଙ୍କ ନାମରେ ଉକ୍ତ ଅଞ୍ଚଳରେ ଏକ ପାଠାଗାର ପ୍ରତିଷ୍ଠା ହେବ । ସେହି ପାଠାଗାର ଦ୍ୱାରା ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ସେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଆମ୍ରା ଅଧକ୍ଷ ନିରଞ୍ଜନ ସେନାପତି, ଜିଲା ବିଜେଡି ଉପସଭାପତି ଅମର ମହାନ୍ତି, ପୂର୍ବତନ ସରପଞ୍ଚ ଗଣେଶ୍ୱର ସାମଲ, ସାମାଜିକକର୍ମୀ ବ୍ରଜବନ୍ଧୁ ନାୟକ ପ୍ରମୁଖ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୋଗଦେଇଥିଲେ। ଗୟାଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରାଯାଇଥିଲା।

## ସଡ଼କ ଦୁର୍ଘଟଣା: ବୃଦ୍ଧା ମୃତ

ଜେନାପୁର,୩୧।୫(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଦେଇପୁର ଶାସନଗଡା ବ୍ରହ୍ମଣୀ ନଦୀ ବନ୍ଧରେ ମଙ୍ଗଳବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଦହିପୁର ଗ୍ରାମର ହେମଲତା ସ୍ୱାଇଁ(୬୦) । ହେମଲତା ବ୍ରାହ୍ମଣୀ ନଦୀକୁ ଗାଧେଇବା ପାଇଁ ରାସ୍ତା ପାର ହେଉଥିବା ବେଳେ କବାଟବନ୍ଧରୁ ଜାରକା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଘଟଣାସ୍ଥଳରେ ହିଁ ହେମଲତାଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ଜେନାପୁର ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଡାକ୍ତରଖାନା ପଠାଇଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୪୭/୨୨) ରୁଜୁ ହୋଇଛି। ହେମଲତାଙ୍କ ପୁତୁରା ତ୍ରିଲୋଚନ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି । ଓଡ଼ି୩୩ ଜି ୮୪ ୭୩ ନମ୍ବର ବିଶିଷ୍ଟ କାର ହେମଲତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିବା ସେ ନିଜ ଏତଲାରେ ଦର୍ଶାଇଛନ୍ତି ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଶିକ୍ଷକ ଗଣେଶ ପ୍ରସାଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବିଞ୍ଝାରପୁର,୩୧।୫(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଶାସନ୍ଦା ପଞ୍ଚାୟତ ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗଣେଶ ପ୍ରସାଦ ସ୍ୱାଇଁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ମଙ୍ଗଳବାର ପ୍ରଦାନ କରାଯାଇଛି । ଏହି ଅବସରରେ ପ୍ରଧାନଶିକ୍ଷକ ଅଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସ୍ଥାନୀୟ ସରପଞ୍ଚ କାମଦେବ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି କବି ଶ୍ରୀହରି ଧଳ, ମୁଖ୍ୟବକ୍ତା ଗଙ୍ଗାଧର ଧଳ, ଅନ୍ୟତମ ଅତିଥି ନାରାୟଣ ପଣ୍ଡା, ସୂର୍ଯ୍ୟମଣି ବେହେରା ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଆଦର୍ଶ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ବାସନ୍ତୀ ସାମଲ, ପ୍ରକାଶ ଚନ୍ଦ୍ର ସାହୁ, ଅବଦୁଲ ମାଲିକ, ଉଷାରାଣୀ ଦାସ,ରୁପାଲୀ ମହାନ୍ତି, ଭବାନୀ ଶଙ୍କର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ହିନ୍ଦୀ ଶିକ୍ଷକ ମହମ୍ମଦ ସୁଫିୟାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରସ୍ତାବିତ ଠିପି ଖୋଲା ମଦ ଦୋକାନକୁ ବିରୋଧ

ଧର୍ମଶାଳା,୩୧।୫(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁଠାରେ ପ୍ରସ୍ତାବିତ ନୂତନ ଠିପିଖୋଲା ମଦ ଦୋକାନ ଖୋଲିବା ପାଇଁ ଯାଜପୁର ଜିଲାପାଳଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲା ଅବକାରୀ ବିଭାଗ ପତ୍ର ସଂଖ୍ୟା ୧୧୭୦, ତା୧୯।୫।୨୨ରିଖ ଅନୁଯାୟୀ ନୂଆଁ ଗାଁ ଠାରେ ଠିପି ଖୋଲା ମଦ ଦୋକାନ ସର୍ବସାଧାରଣଙ୍କ ଠାରୁ ଅଭିଯୋଗ ନିମନ୍ତେ ଏହି ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହାକୁ ନିକଟରେ ଥିବା ବିବେକାନନ୍ଦ ଶିକ୍ଷାନିକେତନ, ଦିବ୍ୟ ପବ୍ଲିକ ସ୍କୁଲ, ଏପିଜେ ଅବଦୁଲ କଲାମ ଇଂଲିଶ ମିଡିୟମ ସ୍କୁଲ ତଥା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବିରୋଧ କରି ଜିଲାପାଳଙ୍କୁ ଅବଗତ କରାଯାଇଛି। ଏଠାରେ କୃଷି ଉଦ୍ୟାନ ବିଭାଗ, ଅଙ୍ଗନୱାଡି କେନ୍ଦ୍ର, ସିଲେଇ ପ୍ରଶିକ୍ଷଣ କେନ୍ଦ୍ର, ନାକପୋଲ ରାଜସ୍ୱ କାର୍ଯ୍ୟାଳୟ, ପଳାସବୁଡୀ ଠାକୁରାଣୀଙ୍କ ପୀଠ ଥିବାରୁ ମଦ ଦୋକାନ ଖୋଲାଗଲେ ଏହାର କୁପ୍ରଭାବ ପଡିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ପ୍ରସ୍ତାବିତ ମଦ ଦୋକାନକୁ ବନ୍ଦ କରା ନ ଗଲେ ସ୍ଥାନୀୟ ଅଂଚଳର ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଜେଲ୍ ଗଲେ

କଳିଙ୍ଗନଗର,୩୧।୫(ଡି.ଏନ.ଏ.)

କଳିଙ୍ଗନଗର ଥାନା ଅନ୍ତର୍ଗତ ସାରଙ୍ଗପୁର ଗ୍ରାମର ଜଣେ ନାବାଳିକାଙ୍କୁ ମାସେ ପୂର୍ବରୁ ଅପହରଣ କରାଯାଇଥିଲା । ମଙ୍ଗଳବାର ପୋଲିସ ତାଙ୍କୁ ଉଦ୍ଧାର କରିବା ସହ ଅପହର୍ତ୍ତା ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ସାରଙ୍ଗପୁରର ପ୍ରବୀର ଜେନା ( ୨୪) । କଳିଙ୍ଗନଗର ପୋଲିସ ନାବାଳିକାଙ୍କ ମାଆଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୯୦/୨୨) ରୁଜୁ କରି ତଦନ୍ତ ଜାରି ରଖିଛି ।

## ପାନୀୟ ଜଳ,ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ

ବରୀ,୩୧।୫(ଡି.ଏନ.ଏ.)

ମଙ୍ଗଳବାର ବରୀ ବ୍ଲକ ସମ୍ମିଳନୀ କକ୍ଷରେ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାକୁ ଠିକ୍ କରିବା ଉପରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଉକ୍ତ କର୍ମଶାଳାରେ ବିଡ଼ିଓ ଦାୟିତ୍ୱରେ ଥିବା ମାନସ ରଞ୍ଜନ ଭୋଇ କେଉଁ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ରହିଛି ଏବଂ କ'ଣ ପାଇଁ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନାହିଁ ସେ ନେଇ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସଂକ୍ରାନ୍ତରେ ବିଡ଼ିଓ ଭୋଇଙ୍କୁ ପଚାରିବାରୁ ସରକାରଙ୍କ ନିୟମ ଅନୁଯାୟୀ ପ୍ରତି ଘରେ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସମେତ ଜନପ୍ରତିନିଧି ଏବଂ ସ୍ଥାନୀୟ ଲୋକମାନଙ୍କ ସହଯୋଗର ଆବଶ୍ୟକ ବୋଲି ସେ କହିଛନ୍ତି ।

ରାଜ୍ୟ ସରକାରଙ୍କ ତରଫରୁ ବସୁଧା ଯୋଜନାରେ ବରୀ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ଅର୍ଥ ମଞ୍ଜୁର କରାଯାଇଥିଲା । ହେଲେ ଅଦ୍ୟାବଧି ବିଭିନ୍ନ ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ଗତ ପଞ୍ଚାୟତ ସମିତି ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟା/ସଭ୍ୟମାନେ ପାନୀୟ ଜଳ ଯୋଗାଣ ଉପରେ ପ୍ରସ୍ତାବ ରଖିଥିଲେ । ବୈଠକରେ ଉପସ୍ଥିତ ଥିବା ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଏବଂ ବରିଷ୍ଠ ରାଜନୈତିକ ନେତାମାନେ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ଲୋକମାନେ ସେମିତି ଜଳକଷ୍ଟରେ ଅଛନ୍ତି। ଅମଠପୁର ପଞ୍ଚାୟତ ଅଧୀନ୨ ନଂ.ୱାର୍ଡ ଦଳିତ ସମ୍ପ୍ରଦାୟର ଲୋକମାନେ ନଦୀରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି । କିମିରିଆପାଳ, ବରୀ, ଅଟିରା ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳର ଲୋକମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ସ୍ଥାନୀୟ ପଞ୍ଚାୟତର ସରପଞ୍ଚମାନେ ପ୍ରକାଶ କରିଛନ୍ତି ।


କର୍ମଶାଳାରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

## ବିପଦସଙ୍କୁଳ ଅବସ୍ଥାରେ ଦୁଧେଇ ସେତୁ

- ବାମପାର୍ଶ୍ୱରେ ଫାଟ ସୃଷ୍ଟି ହୋଇଥିବା ଅଭିଯୋଗ
- ଅଭିଯୋଗକୁ ଖଣ୍ଡନ କଲେ କନିଷ୍ଠ ଯନ୍ତ୍ରୀ
- ସଂଯୋଗୀକରଣ ରାସ୍ତା କାମ ସରୁନି

ବରୀ,୩୧।୫(ଡି.ଏନ୍.ଏ.)

ରାଜ୍ୟ ସରକାର ବିଚ୍ଛିନ୍ନାଞ୍ଚଳ ଲୋକମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟ ନେଇ ସଂଯୋଗୀକରଣ ସେତୁ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ମର୍ମରେ ବାଲିବିଲ ପଞ୍ଚାୟତ ଡିହସାହି ରାଜସ୍ୱ ଗ୍ରାମକୁ ସଂଯୋଗୀକରଣ ନିମନ୍ତେ ୫।୧୨।୨୦୧୧ରେ ଦୁଧେଇ ସେତୁର ଶିଳାନ୍ୟାସ କରାଯାଇଥିଲା । ତତ୍କାଳୀନ ବରୀ ବିଧାୟକ ଦେବାଶିଷ ନାୟକ ଏହି ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ସେତୁ ନିର୍ମାଣ ପାଇଁ ୪ କୋଟି ୬୧ ଲକ୍ଷ ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବ୍ୟୟ ଅଟ୍ଟକଳ କରାଯାଇଥିଲା। ହେଲେ ଦାୟିତ୍ୱରେ ଥିବା ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗର କେତେଜଣ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକମାନେ ଏକାଧିକ ଥର ଯାଜପୁର ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଅଧିକାରୀଙ୍କୁ ଭେଟି ଲିଖିତ ଓ ମୌଖିକ ଭାବେ ଅଭିଯୋଗ କରିଥିଲେ। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଘଟଣାସ୍ଥଳ ପରିଦର୍ଶନ କରିବା ତ ଦୂରର କଥା କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ । ଏବେ ସେହି ସେତୁର ବାମ ପାର୍ଶ୍ୱରେ ଏକ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଏହି ସେତୁର


ସେତୁରେ ଫାଟ ସୃଷ୍ଟି ହୋଇଥିବା ସ୍ଥାନ ।

ସଂଯୋଗୀକରଣ ରାସ୍ତା (୭୦୦ ମିଟର) ନିର୍ମାଣ ନିମନ୍ତେ ୯୨ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳ କରାଯାଇଥିଲା। ହେଲେ ଅସରାଏ ବର୍ଷାରେ ସେହି ରାସ୍ତା ଭୁଶୁଡ଼ି ପଡ଼ିବା ଏବଂ ୨ ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏହାପରେ ବରୀ ବିଧାୟିକା ସୁନନ୍ଦା ଦାସ ଆପ୍ରୋଚ ରୋଡ୍ ଓ ସେତୁ ନିର୍ମାଣ କାର୍ଯ୍ୟରେ ଅନିୟମିତତା କିମ୍ବା ନିମ୍ନମାନର କାମ କରାଯାଉଥିଲେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷେ ବର୍ତ୍ତମାନର ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ ଓ ତତ୍କାଳୀନ ବରୀ ବ୍ଲକ୍ ଅଧ୍ୟକ୍ଷା ସୁବାସିନୀ ଶର୍ମା ୧୪।୬।୨୦୨୧ରେ ଘଟଣାସ୍ଥଳରେ ପହଞ୍ଚି ସଂଯୋଗୀକରଣ ରାସ୍ତାର ସ୍ଥାୟୀ ନିର୍ମାଣ ୧୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ନ ହେଲେ ରାଜରାସ୍ତାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ଏହି ଘଟଣାକୁ ଗୁରୁତ୍ୱ ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସଂଯୋଗୀକରଣ ରାସ୍ତା ନିର୍ମାଣ ଶେଷ କରିବା ନିମନ୍ତେ ଅର୍ଥ ମଞ୍ଜୁର କରାଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ସେହି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ସେତୁ ନିର୍ମାଣର ୧୧ ବର୍ଷ ପରେ ଏଭଳି ଫାଟ ସୃଷ୍ଟି ହେବା ଯୋଗୁ ସାଧାରଣରେ ନାନା ଆଶଙ୍କା ପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ନାୟକଙ୍କୁ ପଚାରିବାରେ ସେ କୁହନ୍ତି, ସେତୁର ବାମପାର୍ଶ୍ୱରେ ଫାଟ ସୃଷ୍ଟି ହୋଇନାହିଁ। ଯଦି ବି କୌଣସି ଅଂଶରେ କିଛି ତ୍ରୁଟି ରହିଛି ତାହା ସେତୁର ସ୍ଥାୟିତ୍ୱ ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

ଓଡ଼ଗାଁ, ୩୧।୫(ସ୍ୱ.ପ୍ର.): ମାମୁଁ ଘରକୁ ବୁଲିବାକୁ ଆସି ମଙ୍ଗଳବାର ନାବାଳକଙ୍କ ପୋଖରୀରେ ବୁଡ଼ି ମୃତ ଘଟଣା ନିକଟସ୍ଥ ବାହାଡାପିଠା ଗାଁରେ ଏକ ଶୋକାକୂଳ ସ୍ଥିତି ସୃଷ୍ଟି କରିଥିଲା। ସୂଚନା ଅନୁସାରେ, ନୂଆଗାଁ ଥାନା ଡିମିରିଝର ଗାଁର ମନୁ ନାହାକଙ୍କ ପୁଅ ରମେଶ(୮) ଓଡ଼ଗାଁ ଏନ୍ଏସି ଉପକଣ୍ଠ ତଥା ରଙ୍ଗଣିପାଟଣା ପଞ୍ଚାୟତ ଅନ୍ତର୍ଗତ ବାହାଡାପିଠା ଗ୍ରାମ ମାମୁଁ ଘରକୁ ମା ସହ ବୁଲି ଆସିଥିବା ବେଳେ ଏହି ଅଘଟଣ ଘଟିଛି। ସେ ନିଜ ମାମୁଁ ଘର ପିଲାଙ୍କ ସହ ପୂର୍ବାହ୍ନରେ ବାହାଡାପିଠା ମଶାଣି ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ସାଥୀ ପିଲାଙ୍କଠାରୁ ଖବର ପାଇଁ ପରିବାର ଲୋକ ପୋଖରୀରୁ ନାବାଳକଙ୍କୁ ଉଦ୍ଧାର କରି ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଓଡ଼ଗାଁ ଆଦର୍ଶ ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (୮/୨୨)ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ପୋଲିସ ଏସ୍ଆଇ ଚକ୍ରଧର ସିଂହ ସୂଚନା ଦେଇଛନ୍ତି।

### ମା' ସୁଭଦ୍ରାଙ୍କ ଦାରୁସ୍ଥଳରେ ବିଶ୍ୱଶାନ୍ତି ମହାଯଜ୍ଞ

ଖଣ୍ଡପଡ଼ା,୩୧।୫(ସ୍ୱ.ପ୍ର): ଜ୍ୟେଷ୍ଠ ଶୁକ୍ଲପକ୍ଷ ଦ୍ୱିତୀୟା ତିଥିରେ ମଙ୍ଗଳବାର ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁର ମା'ସୁଭଦ୍ରାଙ୍କ ଦାରୁସ୍ଥଳ ବେଣାଗାଡିଆଠାରେ ୩ଦିନ ବ୍ୟାପୀ ଉତ୍ସବ ଅନୁଷ୍ଠିତ ହେଉଛି। ବେଣାଗାଡିଆ ମୌଜାବାସୀଙ୍କ ଆନୁକୁଲ୍ୟ ତଥା ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମରେ ନାମଯଜ୍ଞ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ପ୍ରଥମ ଦିବସ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାରଠାରୁ ୨ତାରିଖ ପର୍ଯ୍ୟନ୍ତ ପାରମ୍ପରିକ କାର୍ଯ୍ୟକ୍ରମ ତଥା ହୋମଯଜ୍ଞ, ନାମଯଜ୍ଞ, ସଙ୍କୀର୍ତନ ସହ ସନ୍ଧ୍ୟା ସମୟରେ ଭଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଆୟୋଜକ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜଗନ୍ନାଥ ସଂସ୍କୃତିର ଆଦି ପୀଠରେ ବିରାଜିତ ସୁଦର୍ଶନ, ବଳଭଦ୍ର, ମା' ସୁଭଦ୍ରା ଓ ଜଗନ୍ନାଥ ଜୀଉଙ୍କ ବିଗ୍ରହ ପରିବର୍ତ୍ତନ ପାଇଁ ବନଜାଗ ଓ ଦାରୁ ଛେଦନ ପ୍ରକ୍ରିୟା ୨୦୧୫ ମେ ୨୦ରୁ ଆରମ୍ଭ ହୋଇଥିଲା। ଜଗତ ଜନନୀ ମା' ସୁଭଦ୍ରା ନୂଆ ବିଗ୍ରହ ଧାରଣ କରିବେ, ଏଥିପାଇଁ ବନଜାଗୀ ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ବେଣାଗାଡିଆ ଗ୍ରାମରେ ପହଞ୍ଚି ଚିହ୍ନଟ ହୋଇଥିବା ଦାରୁସ୍ଥଳରେ ପୂଜାର୍ଚ୍ଚନା ସହ ଭୂମି ଶୋଧନ, ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ବନଜାଗ ଦଳର ଦଳପତି ବାଇଧର ମିଶ୍ରଙ୍କ ସମେତ ସମସ୍ତ ବନଜାଗୀ ଦଳର ସଦସ୍ୟ ଓ ବେଦଜ୍ଞ ପଣ୍ଡିତ ପ୍ରମୁଖ ଦାରୁସ୍ଥଳରେ ଗୁପ୍ତ ନୀତି ସମ୍ପନ୍ନ କରି ଉକ୍ତ ଦାରୁ ଛେଦନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଣୁ ଏହି ପବିତ୍ର ଦିନକୁ ସମ୍ପୃକ୍ତ ଗ୍ରାମବାସୀ ପାରମ୍ପରିକ ରୀତିରେ ପାଳନ କରୁଛନ୍ତି। ସମ୍ପୃକ୍ତ ଦାରୁସ୍ଥଳରେ ୩ ଠାକୁରଙ୍କ ଏକ ମନ୍ଦିର ନିର୍ମାଣ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ଏହି ଦାରୁସ୍ଥଳରେ ପୁରୀ ଶ୍ରୀକ୍ଷେତ୍ରରୁ ଆସିଥିବା ମା' ସୁଭଦ୍ରାଙ୍କ ରଥର ଏକ ଚକକୁ ଏଠାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଥିବା ଜଣାପଡିଛି।

# କଂସେଇଖାନାକୁ ହେଉଛି ଗୋଚାଲାଣ

ନୟାଗଡ଼ ଅଫିସ,୩୧।୫



ଗ୍ରାମାଞ୍ଚଳରେ ଥିବା ଦେଶୀ ଗୋରୁଙ୍କ ଉପରେ ବ୍ୟବସାୟୀ ନଜର ପକାଉଛନ୍ତି।

- ଆଇନ ଗୋଚାଲାଣକୁ ନାହିଁ ଲଗାମ
- ମାସକରେ ୧୦ ଦିନ ଚାଲାଣ ହେଉଛି

ନୟାଗଡ଼ ଜିଲାରେ ଆନ୍ତଃରାଜ୍ୟ ଗୋଚାଲାଣ ର୍ୟାକେଟ ସକ୍ରିୟ ରହିଛି। ଜିଲାରୁ ମାସକରେ ୧୦ରୁ ଉର୍ଦ୍ଧ୍ୱ ଦିନ ବେଆଇନ ଭାବେ କଂସେଇଖାନାକୁ ଗୋଚାଲାଣ ଚାଲିଛି। ବେଆଇନ ଗୋଚାଲାଣ ରୋକିବା ନେଇ ପ୍ରିଭେନ୍ସନ ଅଫ କ୍ରୁଏଲିଟି ଟୁ ଅନିମଲ ଆଇନ ରହିଥିଲେ ମଧ୍ୟ ନୟାଗଡ଼ ଜିଲାରେ ତାହା ଶୀତଳଭଣ୍ଡାରରେ ପଡି ରହିଛି। ନୟାଗଡ଼ର କେତେଜଣ ବ୍ୟବସାୟୀ ଖୋର୍ଦ୍ଧା ଜିଲାର ବେଗୁନିଆ ଅଞ୍ଚଳରେ ନେଇ ଗୋରୁଙ୍କୁ ବଡ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଆଉ କେତେଜଣ ସିଧାସଳଖ କୋଲକତାକୁ ଗୋଚାଲାଣ କରୁଛନ୍ତି। ଜିଲାର ବିଭିନ୍ନ ରାସ୍ତାରେ ଗୋଚାଲାଣ ହେଉଥିଲେ ମଧ୍ୟ ଅଧିକାଂଶ ଗୋରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଚାଲାଣ ହେଉଛନ୍ତି। ଆଉ ଜାତୀୟ ରାଜପଥ ସେମାନଙ୍କୁ ଗୋଚାଲାଣ ପାଇଁ ନିରାପଦ ପାଲଟିଛି। ଏଭଳି ଗୋଚାଲାଣ ଲାଗି ରହିଲେ ସମୟ ଆସିବ ଜିଲାରେ ଗୋରୁଙ୍କୁ ଦେଖିବା ସ୍ୱପ୍ନ ହୋଇଯିବ।

## ସିଗ୍ନାଲ ମିଳିଲେ ଗୋରୁ ଟ୍ରକ ଆଗକୁ ବଢ଼େ

ଗୋଚାଲାଣ ଟ୍ରକର ଆଗରେ ପଛରେ ଏସ୍କର୍ଟ ଦେଇ ଚାଲାଣ ହେଉଛି। ରାସ୍ତା କ୍ଲିୟର କରୁଛନ୍ତି ଏସ୍କର୍ଟରେ ଯାଉଥିବା କେତେଜଣ ଗୁଣ୍ଡା ଶ୍ରେଣୀର ଯୁବକ। ଯେଉଁମାନେ କି ବାଇକ୍ ଓ ୪ ଚକିଆ ଗାଡିରେ ଯାଉଛନ୍ତି। ଏହି ଯୁବକମାନେ ବେକାର। ସେମାନଙ୍କୁ ସ୍ୱଳ୍ପ ସମୟର କାମ ପାଇଁ ଅଧିକ ପାରିଶ୍ରମିକ ଦିଆଯାଏ। ଭଲରେ ଗୋଚାଲାଣ ହେଲେ ପୁରସ୍କାର ବି ମିଳିଥାଏ। ସେମାନେ ପାଖରେ ବୋମା, ମାରଣାସ୍ତ୍ର, ବନ୍ଧୁକ ରଖିଥାନ୍ତି। ଠିକ୍ ସମୟରେ ଠିକଣା ପଦକ୍ଷେପ ନେବାକୁ ସେମାନଙ୍କୁ ନିର୍ଦ୍ଦେଶ ରହିଛି। ଦରକାର ପଡିଲେ ଗୁଳିକରି ମାରି ଦେବାକୁ ବି କୁହାଯାଇଛି। ଏସ୍କର୍ଟ ଦଳର ସିଗ୍ନାଲ ମିଳିବା ପରେ ଗୋରୁ ଟ୍ରକ ଆଗକୁ ବଢ଼େ। ତେବେ ଏସ୍କର୍ଟ ଦଳକୁ ଅସୁବିଧା ଜନଗହଳି ଅଞ୍ଚଳ। ଯେଉଁଠାରେ କି ସେମାନେ ଦୂରତ୍ୱ ରକ୍ଷା କରିଥାନ୍ତି। ତେବେ ପ୍ରକୃତ ଗୋଚାଲାଣକାରୀ ଟ୍ରକ୍‌ରେ ଯାଉନାହାନ୍ତି।

## ଲୋକ ଦେଖାଣିଆ ଚଢ଼ାଉ

ବେଆଇନ ଗୋଚାଲାଣ ନେଇ ପୋଲିସ ଜାଣିଥାଏ। ହେଲେ ନୀରବଦ୍ରଷ୍ଟା ସାଜିଛି। ଆଉ ନୀରବଦ୍ରଷ୍ଟା ପଛରେ କାରଣ ହାତଗୁଞ୍ଜା ବୋଲି ଅଭିଯୋଗ ରହିଛି। ଜଣେ ଗୋଚାଲାଣକାରୀଙ୍କ ସୂଚନା ଅନୁସାରେ, ପୋଲିସକୁ ଆଗୁଆ ଚାନ୍ଦା ଦିଆଯାଏ। ଏହି ଚାନ୍ଦାରେ ରାଜନେତା, ପ୍ରଶାସନିକ ଅଧିକାରୀ ଓ ପୋଲିସର ଭାଗ ଥାଏ। ଏଣୁ ପୋଲିସ ସବୁ ଜାଣି ଅଜଣା ରୁହେ। ଭଲ ବ୍ୟବସାୟ ହେଲେ ମାସ ଶେଷରେ ମଧ୍ୟ ଉପହାର ପୋଲିସ ପାଇଥାଏ। ତେବେ ଥାନା ଓ ଫାଣ୍ଡିରେ ନୂଆ ଅଫିସର କାର୍ଯ୍ୟରେ ଯୋଗ ଦେଲେ ବ୍ୟବସାୟରେ ମାନ୍ଦା ଆସେ। ଚାନ୍ଦା ଫିକ୍ସ କରିବାକୁ ଧରପଗଡ ଚାଲେ। କିଛି ଗୋରୁ ଗାଡି ଧରାପଡେ। ତେବେ ଚାନ୍ଦା ଲାଗୁ ହେବା ପରେ ସବୁ କିଛି ଠିକ୍‌ଠାକ୍ ହୋଇଯାଏ। ପୋଲିସକୁ ଚାନ୍ଦା ନ ଦେଲେ କାରବାର ପୁରା ବନ୍ଦ ହୋଇଯାଏ। ଅନ୍ୟପକ୍ଷେ ମଝିରେ ମଝିରେ ଲୋକ ଦେଖାଣିଆ ଚଢ଼ାଉ କରି ପୋଲିସ ବାହାବା ନିଏ। ଚାନ୍ଦା ଦେଉ ନ ଥିବା ଗୋରୁ ବ୍ୟବସାୟୀଙ୍କୁ ଧରି ପୋଲିସ ସଫଳତା ସାଉଁଟିବାକୁ ଚେଷ୍ଟା କରେ।

## ଗୋ ସମ୍ପଦ ହ୍ରାସ ସତ୍ତ୍ୱେ ନାହିଁ ପଦକ୍ଷେପ

ନୟାଗଡ଼ ଜିଲା ଏକ କୃଷି ପ୍ରଧାନ ଜିଲା। ଏଠାରେ ଘରେ ଘରେ ଲୋକମାନେ ଗୋରୁ ପାଳନ କରୁଥିଲେ। ଗାଈଙ୍କୁ ଦେବତା ରୂପେ ପୂଜା କରାଯାଏ। ୩୩ କୋଟି ଦେବତା କୁଆଡେ ଗାଈଙ୍କ ଦେହରେ ଅବସ୍ଥାନ କରନ୍ତି। ସେହିପରି ଗୋ ସମ୍ପଦ ପାଳନ କରିବା ଦ୍ୱାରା ଭଲ ଲାଭ ହୁଏ। କେତେଜଣ ଲୋକ ଜମି ଚାଷ କରିବାକୁ ଗୋବର ଓ କ୍ଷୀର ବିକ୍ରି କରି ଗୁଜୁରାଣ ମେଣ୍ଟାଇବା ପାଇଁ ଗୋପାଳନ କରୁଥିଲେ। ହେଲେ ଧୀରେ ଧୀରେ ବଦଳି ଚାଲିଲା ଗାଁର ପରିବେଶ। ଗାଁରେ ଆଉ ଗାଈ ଚରାଇବାକୁ ଚରାଳି ମିଳିଲେ ନାହିଁ। ଜମି ଚାଷ କମି ଗଲା। ଫଳରେ ଗାଈ ବିକ୍ରି ଆରମ୍ଭ ହେଲା। ଦଲାଲମାନେ ଏହାର ଫାଇଦା ନେଇ ଗାଈ କିଣି ଗୋଚାଲାଣ କଲେ। ଗାଁରେ ଆଉ ଦେଖା ଯାଉନାହିଁ ଗୋରୁ ଗୋଠ। ଗୋପାଳନ ପାଇଁ ସରକାର ପ୍ରୋତ୍ସାହନ ଯୋଗାଉଛନ୍ତି। ହେଲେ ପ୍ରୋତ୍ସାହନ ରାଶି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁ ନ ଥିବା ଅଭିଯୋଗ ରହିଛି। ଏଣୁ ଧୀରେ ଧୀରେ ଗୋ ସମ୍ପଦ ହ୍ରାସ ପାଇ ଚାଲିଛି। ଏ ସମ୍ପର୍କରେ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କୁ ପଚାରିବାରେ ବେଆଇନ ଗୋରୁ ଚାଲାଣ ଉପରେ ଚଢ଼ାଉକୁ ତ୍ୱରାନ୍ୱିତ କରାଯିବ। ଏ ନେଇ ଖୁବ୍‌ଶୀଘ୍ର ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।

### ସ୍କୁଟିକୁ ଧକ୍କାଦେଲା ଟ୍ରକ୍, ଜଣେ ମୃତ

ଗୋପାଳପୁର,୩୧।୫(ଡି.ଏନ.ଏ.)

ଗୋଳନ୍ଥର ଥାନା ଅନ୍ତର୍ଗତ ହଳଦିଆ ପଦର ଛକ ନିକଟରେ ସୋମବାର ରାତିରେ ଏକ ଟ୍ରକ ସହ ସ୍କୁଟି ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳର କୈଳାସ ମହାରଣା (୬୦)। ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳରର କୈଳାସ ମହାରଣା ଗୋଳନ୍ଥରା ଥାନା ଅଧୀନ ଅଟୋ ନଗରରେ ଏକ ଗ୍ୟାସ ଦୋକାନ କରି ପରିବାର ଚଳାଉଥିଲେ। ସୋମବାର ରାତି ପ୍ରାୟ ୧୦.୩୦ମି. ସମୟରେ କୈଳାସ ଦୋକାନ ବନ୍ଦ କରି ନିଜ ସ୍କୁଟିରେ ବ୍ରହ୍ମପୁର ଆସୁଥିବା ବେଳେ ହଳଦିଆପଦରଠାରେ ନିର୍ମାଣ ଚାଲିଥିବା ଓଭରବ୍ରିଜ ନିକଟରେ ପଛପଟୁ ଟ୍ରକ୍ ଆସି କୈଳାସଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। କୈଳାସ ଟ୍ରକ ଚକ ତଳେ ପଡି ଗୁରୁତର ହୋଇ ପଡିଥିଲେ। ଫଳରେ ବ୍ରହ୍ମପୁର-ଇଚ୍ଛାପୁର ରାସ୍ତା ଟ୍ରାଫିକ ଜାମ୍ ହୋଇଯାଇଥିଲା। ଆମ୍ବୁଲାନ୍ସ ନ ଆସିବା ଫଳରେ ସ୍ଥାନୀୟ ଓ ପରିବାର ଲୋକ ଗୁରୁତରଙ୍କୁ ଉଦ୍ଧାର କରି ଏକ ଘରୋଇ ଗାଡିରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କୈଳାସଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନା ନଂ. ୧୮୦/୨୨ରେ ମାମଲା ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ସ୍କୁଟିକୁ ପୋଲିସ ନିଜ ହେପାଜତକୁ ନେଇଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ଜନଶୁଣାଣି ଶିବିରକୁ ଆସିଲେନି ଜିଲାପାଳ

## ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର




ଅଧିକାରୀମାନେଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ନୂଆଗାଁ, ୩୧।୫ (ଡି.ଏନ.ଏ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ମଙ୍ଗଳବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲୋକମାନଙ୍କ ଅଭିଯୋଗ ଶୁଣି ତାହାର ସମାଧାନ କରିବାକୁ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ହେଲେ ଜିଲାପାଳଙ୍କ ଅନୁପସ୍ଥିତି ଅଭିଯୋଗକାରୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି।

ପ୍ରତି ବ୍ଲକକୁ ଯାଇ ଲୋକମାନଙ୍କର ଅଭିଯୋଗ ଶୁଣି ତାହାର ସମାଧାନ କରିବାକୁ ସରକାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁସାରେ ଜିଲାପାଳ ଶିବିର ବିଷୟରେ ପୂର୍ବରୁ ସମ୍ପୃକ୍ତ ବ୍ଲକର ପ୍ରତି ପଞ୍ଚାୟତରେ ପ୍ରଚାର ପାଇଁ ନିର୍ଦ୍ଦେଶ ଦେବା ସହ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଜନଶୁଣାଣି ଶିବିରରେ ଉପସ୍ଥିତ ହୋଇ ଥାଆନ୍ତି। କିନ୍ତୁ ଦୁଇବର୍ଷ (୨୦୨୦ ଫେବୃୟାରୀ ୨୪) ପରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଆୟୋଜନ କରାଯାଇଥିଲେ ମଧ୍ୟ ନାନା ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହେଉଛି। ଫଳରେ ଶିବିର ପ୍ରଶାସନର ଏକ ପ୍ରହସନ ବୋଲି ସାଧାରଣରେ ଆଲୋଚନା ହେଉଛି। ଶିବିର ଅନୁଷ୍ଠିତ ହେବା ନେଇ ପୂର୍ବରୁ ଲୋକମାନଙ୍କ ନିକଟରେ ସୂଚନା ପହଞ୍ଚି ପାରି ନ ଥିଲା। ଶିବିର ଅନୁଷ୍ଠିତ ହେବା ବିଷୟରେ ଲୋକମାନଙ୍କୁ ଜଣାଇବାକୁ ସୋମବାର ରାତିରେ ଭିଏଲଡବ୍ଲ୍ୟୁ ଫୋନ କରିଥିବା ବେଳେ ସେତେବେଳେ ଲୋକମାନଙ୍କୁ ଜଣାଇବା ସମ୍ଭବ ହୋଇ ନ ଥିଲା ବୋଲି କହିଛନ୍ତି ଜଣେ ସରପଞ୍ଚ। ବିଭିନ୍ନ ବିଭାଗ ବିଷୟରେ ଲୋକମାନେ ଜିଲାପାଳଙ୍କୁ ଅଭିଯୋଗ କରିବା ଓ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ଡାକି ତାହାର ସମାଧାନ କରିବାର ବ୍ୟବସ୍ଥା ଥିବାବେଳେ ସମାଧାନକାରୀ ଜିଲାପାଳ ନିଜେ ଅନୁପସ୍ଥିତ ଥିଲେ। ଏଥିଯୋଗୁ ଅଭିଯୋଗକାରୀମାନଙ୍କ ମନରେ ନିରାଶ ଭାବ ଦେଖାଦେଇଥିଲା। ଜନଶୁଣାଣି ଶିବିରରେ ମୋଟ ୪୦ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ୩୪ ଟି ବ୍ୟକ୍ତିଗତ ଓ ୬ ଟି ଗୋଷ୍ଠୀଗତ ଥିଲା। ୩୪ ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଅନେକ ଆବାସ ଗୃହ ଓ ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ଥିଲା। ଗୋଷ୍ଠୀଗତ ମଧ୍ୟରେ ମାଳିସାହି ପଞ୍ଚାୟତର ଗୁଡୁପାଙ୍ଗି-ଡିପାମାଳ ରାସ୍ତା ନିର୍ମାଣରେ ପ୍ରଶାସନର ଉଦାସୀନତା ବାବଦରେ ୧୭ ମୌଜା ଲୋକଙ୍କ ଅଭିଯୋଗ ରହିଥିଲା। ସେହିପରି ନୂଆଗାଁ ହାଇସ୍କୁଲକୁ ରୂପାନ୍ତରିତ ସ୍କୁଲ କରାଯାଇଥିଲେ ମଧ୍ୟ ଶିକ୍ଷକ ଓ ଶ୍ରେଣୀଗୃହର ଅଭାବ ନେଇ ସ୍କୁଲ ପରିଚାଳନା କମିଟି ପକ୍ଷରୁ ସାଂସଦଙ୍କ ପ୍ରତିନିଧି ତଥା ସ୍କୁଲ ପରିଚାଳନା କମିଟିର ସଭାପତି ବିଜୟ କୁମାର ସାସମଲ ଅଭିଯୋଗ କରିଥିଲେ। ଶିବିରରେ ଉପଜିଲାପାଳ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଦ୍ୟୁତ ପଣ୍ଡା, ନୂଆଗାଁ ତହସିଲଦାର ପ୍ରଳୟାନନ୍ଦ ଶତପଥୀ, ବିଡିଓ ପ୍ରମୋଦ କୁମାର ନାୟକ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ବେହେରା, ନୂଆଗାଁ ଥାନା ଅଧିକାରୀ ବସନ୍ତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

### ଦୁର୍ଗାପ୍ରସାଦଙ୍କ ପାଇଁ ଗଜପତିବାସୀ ଗର୍ବିତ

ପାରଳାଖେମୁଣ୍ଡି,୩୧।୫(ଡି.ଏନ୍.ଏ.)

ସିଭିଲ ସର୍ଭିସ ପରୀକ୍ଷାରେ ୨୦୫ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିବା ଦୁର୍ଗାପ୍ରସାଦ ଅଧିକାରୀଙ୍କ ପାଇଁ ଗଜପତିବାସୀ ଗର୍ବ ଅନୁଭବ କରୁଛନ୍ତି। ଦୁର୍ଗାପ୍ରସାଦ ହେଉଛନ୍ତି ପାରଳାଖେମୁଣ୍ଡି ଗୋପିନୀ ସାହିର ମୂଳବାସିନ୍ଦା ତଥା ବ୍ରହ୍ମପୁର ନିବାସୀ ଚଣ୍ଡି ପ୍ରସାଦ ଅଧିକାରୀ ଓ ଜ୍ୟୋତ୍ସ୍ନାରାଣୀ ଅଧିକାରୀଙ୍କ ପୁଅ। ତାଙ୍କ ଜେଜେ ସ୍ୱର୍ଗତ ସଚ୍ଚିଦାନନ୍ଦ ଅଧିକାରୀ ମଧ୍ୟ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ। ଦୁର୍ଗାପ୍ରସାଦ ବ୍ରହ୍ମପୁର ଗୁରୁ ନାନକ ସ୍କୁଲରେ ଶିକ୍ଷାଲାଭ କରି ୨୦୧୦ରେ ମାଟ୍ରିକ ପାସ କରିଥିଲେ। ଖଲ୍ଲିକୋଟ କଲେଜରୁ ଯୁକ୍ତ ୨ ପାସ କରିବା ପରେ ଭୁବନେଶ୍ୱରସ୍ଥିତ ସିଇଟି କଲେଜରେ ବିଟେକ ପଢିଥିଲେ। ପରେ ସେ ମାରୁତି ସୁଜୁକି ଓ ବୁସ୍କ ଆଦି କମ୍ପାନୀରେ କାର୍ଯ୍ୟ କରି ୨୦୨୦ରୁ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହେଉଥିଲେ। ଦୁଇଥର ପରୀକ୍ଷା ଦେବା ପରେ ସଫଳତା ମିଳିପାରି ନଥିବା ବେଳେ ତାଙ୍କୁ ତୃତୀୟ ଥର ପରିଶ୍ରମର ଫଳ ମିଳିଛି। ଦୁର୍ଗାପ୍ରସାଦ ତାଙ୍କ ସଫଳତାର ଶ୍ରେୟ ମା' ବାପା ଓ ଗୁରୁଜନଙ୍କୁ ଦେଇଛନ୍ତି। ଲୋକଙ୍କ ସେବାକୁ ସେ ଅଧିକ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।



## କାର୍ଯ୍ୟାନୁଷ୍ଠାନ ଦାବି କଲା ଆଞ୍ଚଳିକ ସାମ୍ବାଦିକ ସଂଘ



ଖବରଦାତାମାନେ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭାପୁର, ୩୧।୫(ଡି.ଏନ.ଏ.

- ଖବରଦାତାଙ୍କୁ ହତ୍ୟା ଧମକ ଘଟଣା

ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଜଣେ ଖବରଦାତାଙ୍କୁ ହତ୍ୟା ଧମକ ଘଟଣାରେ ଭାପୁର ବ୍ଲକ ଫତେଗଡ ଥାନାରେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ବିନାୟକ ମିଶ୍ରଙ୍କ ନେତୃତ୍ୱରେ ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ପୂର୍ବାହ୍ନରେ ପ୍ରତିନିଧି ଦଳ ଆଇଆଇସି ଗିରିଜାନନ୍ଦନ ପଟ୍ଟନାୟକଙ୍କୁ ଭେଟିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସଂଘର ସଦସ୍ୟଙ୍କୁ ନେଇ ଭାପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହେବା ସହ ଘଟଣାକୁ ଦୃଢ ନିନ୍ଦା କରାଯାଇଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁଁ ଖବରଦାତାଙ୍କ ବୃତ୍ତିଗତ ମର୍ଯ୍ୟାଦା ହାନି ହେବା ସହ ଅସୁରକ୍ଷିତ ଅବସ୍ଥାକୁ ଠେଲି ଦିଆଯାଇଥିବା ନେଇ ମତପ୍ରକାଶ ପାଇଥିଲା। ଗତ ୨୧ ତାରିଖରେ ଖବର ପ୍ରକାଶନକୁ କେନ୍ଦ୍ରକରି ସମ୍ବାଦ ଖଣ୍ଡପଡା ପ୍ରତିନିଧି ଜିତେନ୍ଦ୍ର କୁମାର ସାହୁଙ୍କ ଘରେ ପଶି କେତେଜଣ ଯୁବକ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ସେହିପରି ଭାପୁର ବ୍ଲକ ବଡସହରା ପଞ୍ଚାୟତ ଅଧୀନ ଜାମୁସାହି ଗାଁର ଚିତ୍ତରଞ୍ଜନ ସୁବୁଦ୍ଧି ସାହୁଙ୍କ ମୋବାଇଲ ନଂ.କୁ ଫୋନ କରିବା ସହ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡାଙ୍କ ବିରୋଧରେ କାହିଁକି ଖବର ପ୍ରକାଶ କରୁଛ। ତୁମ ଗାଡି ଚଢାଇ ଖୁବ୍‌ଶୀଘ୍ର ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ। ଏ ନେଇ ସାହୁ ଗତ ୨୨ତାରିଖରେ ଫତେଗଡ ଥାନାରେ ଏତଲା କରିଥିଲେ। ପୋଲିସ ମଧ୍ୟ ଘଟଣାର ତଦନ୍ତ କରିବା ସହ ସୁବୁଦ୍ଧି ଓ ପରିଡାଙ୍କ ନାମରେ ନଂ. ୧୦୩/୨୨ରେ ମାମଲା ରୁଜୁ କରିଥିଲା। ତେବେ ଘଟଣାକୁ ୧୦ଦିନ ବିତିଥିଲେ ସୁଦ୍ଧା ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସଂଘ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଦାବିପତ୍ର ପ୍ରଦାନ ସମୟରେ ଭାପୁର ଏବଂ ଖଣ୍ଡପଡ଼ା ଅଞ୍ଚଳର ବହୁ ଖବରଦାତା ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନୟାଗଡ ଅଫିସ,୩୧।୫: ନୟାଗଡ଼ ବ୍ଲକ ବାଲୁଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୂରଲୀଧର ବିଶ୍ୱାଳ ମଙ୍ଗଳବାର ଅବସର ଗ୍ରହଣ କରଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ନାୟକ ଯୋଗଦାନ କରି ପ୍ରଧାନ ଶିକ୍ଷକ ବିଶ୍ୱାଳଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ଅଲୋକପାତ କରିବା ସହିତ ତାଙ୍କୁ ପ୍ରୋଭିଜନାଲ ପେନସନର ଆଦେଶନାମା ପ୍ରଦାନ କରିଥିଲେ। ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱନାଥ ପଲେଇ, ସମିତିସଭ୍ୟା କବିତା ନାୟକ, ଶିକ୍ଷକ ନେତା ଲକ୍ଷ୍ମୀଧର ସାହୁ, ଉମେଶ ସ୍ୱାଇଁ, ପ୍ରଦ୍ୟୁମ୍ନ ନନ୍ଦ ଓ ଅଶୋକ ମଲ୍ଲ ପ୍ରମୁଖ ଯୋଗଦେଇଥିଲେ।

## ବିଶ୍ୱ ନିଶା ନିରୋଧୀ ଦିବସ ପାଳିତ

ଖଣ୍ଡପଡା.୩୧।୫(ସ୍ୱ.ପ୍ର)

ଖଣ୍ଡପଡ଼ା ଜାଗରଣ ମଞ୍ଚ ପକ୍ଷରୁ ନିକଟସ୍ଥ ବାହାଡାଛକରେ ମଙ୍ଗଳବାର ନିଶା ନିରୋଧୀ ଦିବସ ପାଳିତ ହୋଇଯାଇଛି। ଯୁବ ସଙ୍ଗଠକ ଅଭିଳାଷ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବତୀଯୁବକମାନେ ନିଶା ସେବନଠାରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେବା ସହ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥପାଠ କରିଥିଲେ। ସାଧାରଣରେ ସଚେତନତା ସୃଷ୍ଟି ନିମନ୍ତେ ମଧ୍ୟ ଯୁବତୀଯୁବକମାନେ ଆଗେଇ ଆସିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏକ ନିଶାମୁକ୍ତ ସମାଜ ଓ ଖଣ୍ଡପଡ଼ା ଗଠନ ସମସ୍ତଙ୍କର ଲକ୍ଷ୍ୟ ହେଉ ବୋଲି ଉପସ୍ଥିତ ଅନିଶା ଦାସ, ଜିତେନ୍ଦ୍ର କୁମାର କାଟିଆ, ପରମେଶ୍ୱର ମହାନ୍ତିଙ୍କ ସମେତ ଅନ୍ୟମାନେ ମତବ୍ୟକ୍ତ କରିଥିଲେ।



ନିଶା ଛାଡିବା ପାଇଁ ଯୁବତୀଯୁବକମାନେ ଶପଥପାଠ କରୁଛନ୍ତି।

# ଚାଷୀ ବିରୋଧୀ କାର୍ଯ୍ୟ କରୁଛନ୍ତି ରାଜ୍ୟ ସରକାର

ନୟାଗଡ଼ ଅଫିସ, ୩୧।୫

## ଭାଜପାର ଗରିବ କଲ୍ୟାଣ ସମାବେଶ



ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଜଣେ କୃଷକଙ୍କୁ ଉପଢୌକନ ଓ ନଡିଆ ଦେଉଛନ୍ତି।

କେନ୍ଦ୍ର ସରକାରଙ୍କର ୨ୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କିଷାନ ସମ୍ମାନ ନିଧିର ୧୧ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ନୟାଗଡ଼ ଜିଲାର ଗମ୍ଭାରିଡିହି ପଞ୍ଚାୟତର କଲ୍ୟାଣମଣ୍ଡପରେ ଗରିବ କଲ୍ୟାଣ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଉପରେ ଟିପ୍ପଣୀ ରଖିଥିଲେ। ସେହିପରି କିଷାନ ସମ୍ମାନ ନିଧିର ୧୧ତମ କିସ୍ତିକୁ ୧୧ କୋଟି ଲୋକଙ୍କ ଆକାଉଣ୍ଟକୁ ମଙ୍ଗଳବାର କେନ୍ଦ୍ର ସରକାର ପଠାଇଥିବା କହିଛନ୍ତି। ଅନ୍ୟପକ୍ଷେ କେନ୍ଦ୍ର ସରକାରଙ୍କର ସଫଳତା ବଖାଣି କହିଥିଲେ, କୃଷକମାନଙ୍କ ପାଇଁ ବିହନଠାରୁ ବଜାର ପର୍ଯ୍ୟନ୍ତ ଯୋଜନା କେନ୍ଦ୍ର ସରକାର କରିଛନ୍ତି। ଏହି ଯୋଜନାର ସଚେତନତା ଓ ବାର୍ତ୍ତା ଗରିବ କଲ୍ୟାଣ ସମାବେଶରେ ଚାଷୀଙ୍କୁ ବୁଝାଯାଇଛି। ଦୁର୍ଭାଗ୍ୟର କଥା ପିଏମ୍ କିଷାନର ଠିକ୍ ଚିଠା ରାଜ୍ୟ ସରକାର ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ଦେଇ ନ ଥିବାରୁ ଏହା ଅବ୍ୟବସ୍ଥିତ ହୋଇ ରହିଯାଇଛି। ଏଣୁ କ୍ଷୁଦ୍ର, ନାମମାତ୍ର ଚାଷୀ ତାର ହକ ପାଇ ପାରୁନି। ରାଜ୍ୟ ସରକାର ଏହାର ପ୍ରତିକାର କରିବା ଉଚିତ। ମୋଦି ପଠାଉଥିବା ଟଙ୍କା ଚାଷୀ ପାଇବା ଦରକାର। ସେହିପରି ମୋଦି ଶାସନରେ ଓଡ଼ିଶା ସମ୍ମାନୀତ ହୋଇଛି। ମୋଦି ୨୦୧୬ରେ ପୂର୍ବୋଦୟ କଥା କହି ବିଭିନ୍ନ ଯୋଜନାର ପ୍ରୟୋଗଶାଳା ଓଡ଼ିଶା ହେବ ବୋଲି କହିଥିଲେ। ଯାହା ଏବେ ସୁଫଳ ମିଳିଛି। ତେବେ ଚାଷୀଙ୍କର ଜୀବନଧାରଣର ମାନ ଉନ୍ନତି ପାଇଁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇ ଚାଷୀ ବିରୋଧୀ କାର୍ଯ୍ୟକ୍ରମ କରି ବାରମ୍ବାର ନିର୍ବାଚନ ଜିତୁଛନ୍ତି ରାଜ୍ୟ ସରକାର। ଏଣୁ ପ୍ରତି ବ୍ଲକରେ ୩୦ରୁ ୩୫ ପ୍ରତିଶତ ଜମି ଜଳସେଚିତ ହୋଇପାରିଲା ନାହିଁ। ପ୍ରତି ବ୍ଲକରେ ଶୀତଳଭଣ୍ଡାର ଖୋଲି ପାରିଲା ନାହିଁ। ପୁଣି ବିଜେଡିର ୨୨ବର୍ଷ ଶାସନରେ ବୃହତ, କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଶେଷ ହୋଇପାରିଲାନାହିଁ। ପ୍ରଧାନମନ୍ତ୍ରୀ ସିଞ୍ଚାଇ ଯୋଜନାରେ ଚାଷୀଙ୍କ ଜମିକୁ ପାଣି ଯୋଗାଇବାକୁ ଯେଉଁ ଅର୍ଥ ଆସୁଛି ସେଥିରେ ବି ରାଜ୍ୟ ସରକାର ଫେଲ ହୋଇଛନ୍ତି। ସେହିଭଳି ଚାଷୀ ଧାନର ଅଭାବ ବିକ୍ରିର ସମ୍ମୁଖୀନ ହୋଇଆସୁଛି। ଏହାର ପ୍ରତିକାର କେବେ ହେବ ବୋଲି ପ୍ରଶ୍ନ କରିଛନ୍ତି। ପୁଣି ରାଜ୍ୟ ସଭାପତି କହିଥିଲେ, ନୟାଗଡ଼ ଜିଲାରେ ଜଙ୍ଗଲ ପଦା ହୋଇଗଲାଣି। ଏଥିପ୍ରତି ଦୃଷ୍ଟି ଦେବା ଦରକାର। ପ୍ରତି ଜିଲାରେ ମେଡିକାଲ କଲେଜ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଲାଲା ମନୋଜ ରାୟ, ଜିଲା ପ୍ରଭାରୀ ନିରଞ୍ଜନ ମିଶ୍ର, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ କାମାକ୍ଷ ପ୍ରସାଦ ପ୍ରଧାନ, ସମ୍ପାଦକ ସନ୍ତୋଷ ପ୍ରଧାନ, ରାଜ୍ୟ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଲିଙ୍ଗରାଜ ବାରିକ ଓ ରାଜୀବ ଲୋଚନ ଷଡଙ୍ଗୀ ଯୋଗ ଦେଇଥିଲେ। ଏଥିରେ କୃଷକଙ୍କୁ ଉପଢୌକନ ଓ ନଡିଆ ଦେଇ ସମ୍ମାନିତ କରାଯାଇଥିଲା।